ବର୍ଷ-୨୫, ସଂଖ୍ୟା-୪୨
ଭୁବନେଶ୍ୱର
୧୨, ଫେବୃଆରୀ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 42
Bhubaneswar
12 February, 2025, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଆଜି ତୃତୀୟ ଦିନିକିଆ

# ରାଜ୍ୟରେ ଖୋଲିବ ପ୍ରାକ୍ ବିବାହ ପରାମର୍ଶ କେନ୍ଦ୍ର

**ଭୁବନେଶ୍ୱର,୧୧।୨(ମହାଭାରତ):** ରାଜ୍ୟରେ ବଢୁଥିବା ବିବାହ ବିଚ୍ଛେଦ ମାମଲାକୁ ହ୍ରାସ ପାଇଁ ପ୍ରାକ୍ ବିବାହ ପରାମର୍ଶ କେନ୍ଦ୍ର ଖୋଲିବ। ଏହା ବିବାହ ପୂର୍ବରୁ ଯୁବକଯୁବତୀଙ୍କ ପାଇଁ ମାନସିକ ସ୍ୱାସ୍ଥ୍ୟ ଓ ପରାମର୍ଶ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଆସନ୍ତା ମାର୍ଚ୍ଚ ୮ ଆନ୍ତର୍ଜାତିକ ମହିଳା ଦିବସରେ ଓଡ଼ିଶା ସମେତ ସମଗ୍ର ଦେଶର ବିଭିନ୍ନ ସ୍ଥାନରେ ଏଭଳି ପରାମର୍ଶ କେନ୍ଦ୍ର ଖୋଲାଯିବାର ଯୋଜନା ରହିଛି। ଏହାସହିତ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଗ୍ରାମସଭାର ଆୟୋଜନ ମଧ୍ୟ କରାଯିବ।

ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ବିଜୟା ରାହତକର ଓଡ଼ିଶା ଗସ୍ତରେ ଆସି ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତବେଳେ ଏହି ସୂଚନା ଦେଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ସମାଜରେ ଅଧିକ ମାତ୍ରାରେ ହେଉଥିବା ବିବାହ ବିଚ୍ଛେଦକୁ ରୋକିବା ଉଦ୍ଦେଶ୍ୟରେ ରାଜ୍ୟରେ ପ୍ରାକ୍ ବିବାହ ପରାମର୍ଶ କେନ୍ଦ୍ର ଖୋଲାଯିବ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମଧ୍ୟ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଏନେଇ ସହମତି ପ୍ରଦାନ କରିଛନ୍ତି। ପରାମର୍ଶ କେନ୍ଦ୍ର ମାଧ୍ୟମରେ ବିବାହ ପୂର୍ବରୁ



ସାଂସାରିକ ଜୀବନ ସମ୍ବନ୍ଧରେ ଉପଯୁକ୍ତ ପରାମର୍ଶ ମିଳିଲେ ବିବାହ ବିଚ୍ଛେଦ ହାର ନିଶ୍ଚୟ କମିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିବା ସହ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଏହାସହିତ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଗ୍ରାମସଭା, ବାଲ୍ୟ ବିବାହ ଓ ମହିଳା ହିଂସାକୁ ରୋକିବା, କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପ୍ରସଙ୍ଗରେ ଆଲୋଚନା ହୋଇଥିଲା ମହିଳାଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ସୁଭଦ୍ରା ଯୋଜନାକୁ ନେଇ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ଖୁସି ବ୍ୟକ୍ତ କରିଥିଲେ।

ସେହିପରି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମହିଳା କମିଶନ ଅଧ୍ୟକ୍ଷା ବିଜୟା ରାହତକର କହିଛନ୍ତି ଯେ, ଓଡ଼ିଶାରେ ପ୍ରିମାରିଟାଲ ମେଣ୍ଟାଲ ହେଲଥ ଆଣ୍ଡ କାଉନସେଲିଂ ସେଂଟର ଖୋଲିବ। ଭାରତରେ ଯୌଥ ପରିବାର ପଦ୍ଧତି ଥିଲା। ଏବେ କିନ୍ତୁ ଏହା

## ● ବିବାହ ବିଚ୍ଛେଦ ରୋକିବାକୁ ମାଷ୍ଟରପ୍ଲାନ୍
## ● ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଗ୍ରାମସଭା
## ● ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା

ହ୍ରାସ ପାଇବାରେ ଲାଗିଛି। ପରିବାରର ଝଗଡ଼ା ସିଧା ପୁଲିସ, କମିଶନ ଓ କୋର୍ଟକୁ ଯାଉଛି। ଯେଉଁଥିପାଇଁ ବିଭିନ୍ନ ସଂସ୍ଥା ଉପରେ ଚାପ ବଢ଼ିଛି। ଏହା ମଧ୍ୟ ଚିନ୍ତାର ବିଷୟ ପିଲାଙ୍କ ବିବାହ ପରେ ସେମାନଙ୍କ ଜୀବନରେ କଣ ପରିବର୍ତ୍ତନ ହେବ ତାହା ଉପରେ ଘରେ କି ପରିବାରରେ ଚର୍ଚ୍ଚା ହେଉନି। ଯାହାକି ହେବା ଦରକାର। ସେଥିପାଇଁ ପ୍ରାକ୍ ବିବାହ କାଉନସେଲିଂ ସେଣ୍ଟର ଖୋଲାଯିବା ଗୁରୁତ୍ୱପୂର୍ଣ୍ଣ। ମାର୍ଚ୍ଚ ୮ ମହିଳା ଦିବସରେ ଦେଶର ବିଭିନ୍ନ ସ୍ଥାନରେ ଏଭଳି ସେଣ୍ଟ ଆରମ୍ଭ ହେବ। ପୁଣେରେ ଏନେଇ ଜାତୀୟସ୍ତରୀୟ ଆଲୋଚନା ହୋଇଛି। ସରକାର, ଏନଜିଓ, ସିଏସଆର ଦେଉଥିବା କମ୍ପାନୀ, କଲେଜ, କର୍ପୋରେଟ କ୍ଷେତ୍ରକୁ ବି ଏଭଳି ସେଂଟର ଖୋଲିବାକୁ ଅନୁରୋଧ କରାଯିବ ପରିବାର ବ୍ୟବସ୍ଥାକୁ ସୁରକ୍ଷିତ ରଖିବାରେ ଏହା ଭଲ କାର୍ଯ୍ୟ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏବେ ଦେଶ ଓ ରାଜ୍ୟରେ ଛାଡ଼ପତ୍ର ସଂଖ୍ୟା ବଢୁଥିବାରୁ ଏହା ଚିନ୍ତାର ବିଷୟ ପାଲଟିଛି। ଏହି ସଂଖ୍ୟା ହ୍ରାସ ପାଇଁ ପ୍ରାକ୍ ବିବାହ କାଉନସେଲିଂ କେନ୍ଦ୍ର ଖୋଲିବା ସହ ଗ୍ରାମାଞ୍ଚଳରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଗ୍ରାମସଭା କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ମାର୍ଚ୍ଚ ୮ରୁ ସମଗ୍ର ଦେଶରେ ଏଭଳି ସ୍ୱତନ୍ତ୍ର ଗ୍ରାମସଭା ଆରମ୍ଭ ହେବ ବୋଲି ମହିଳା କମିଶନ ଅଧ୍ୟକ୍ଷା ସୂଚନା ଦେଇଛନ୍ତି।

# ଝିଅ ଜନ୍ମ ହେଲେ ୧୨ ହଜାର, ୯ ଓ ୧୦ମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନଭୋଜନ

ଭୁବନେଶ୍ୱର, ୧୧।୨(ମହାଭାରତ): ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମମତା ଯୋଜନା ସହିତ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ କରାଯିବ। ଏଥିରେ କନ୍ୟା ସନ୍ତାନ ଜନ୍ମ ପାଇଁ ଗର୍ଭବତୀମାନଙ୍କୁ ବର୍ଷକୁ ଅଧିକ ୨ ହଜାର ଟଙ୍କା ପ୍ରଦାନ କରାଯିବ। ଗର୍ଭବତୀ, ପ୍ରସୂତି ମହିଳା ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ତଥା କନ୍ୟା ସନ୍ତାନ ଜନ୍ମକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସେହିପରି ଏଣିକି ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ କରିବେ। ଏପର୍ଯ୍ୟନ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ମଧ୍ୟାହ୍ନ ଭୋଜନ କରୁଥିଲେ। କିନ୍ତୁ ଆଗାମୀ ଦିନରେ ନବମ ଓ ଦଶମ ଶ୍ରେଣୀର ପିଲାଙ୍କୁ ମଧ୍ୟ ଏହି ଯୋଜନାରେ ସାମିଲ କରାଯିବ

ଯୋଜନାରେ ପୁତ୍ର ସନ୍ତାନ ଜନ୍ମ କ୍ଷେତ୍ରରେ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ତେବେ କନ୍ୟା ସନ୍ତାନ ପାଇଁ ପୂର୍ବରୁ ୧୦ ହଜାର ଟଙ୍କା ଦିଆଯାଉଥିବା ବେଳେ ମିଳିତ ଯୋଜନାରେ ୧୨ ହଜାର ଟଙ୍କା ଦିଆଯିବ। ସର୍ବାଧିକ ଦୁଇଟି ସନ୍ତାନ ଜନ୍ମ କ୍ଷେତ୍ରରେ ଏହି ସହାୟତା ମିଳିବ। ତେବେ ପିଭିଟିଜିମାନଙ୍କ କ୍ଷେତ୍ରରେ ଦୁଇଟି ସନ୍ତାନ ସୀମା ଲାଗୁ ହେବ ନାହିଁ। ଏଥିରେ ସହାୟତା କରୁଥିବା ଅଙ୍ଗନବାଡ଼ି କର୍ମୀମାନଙ୍କୁ ୨୦୦ ଟଙ୍କା



ବଦଳରେ ୨୫୦ ଟଙ୍କା ଏବଂ ଅଙ୍ଗନବାଡ଼ି ସହାୟକମାନଙ୍କୁ ୫୦ ଟଙ୍କା ପରିବର୍ତ୍ତେ ୧୫୦ ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ଏହି ଉଭୟ ଯୋଜନାର ସମ୍ମିଳିତ କାର୍ଯ୍ୟକାରିତା ପାଇଁ ଆସନ୍ତା ଆର୍ଥିକ ବର୍ଷରେ ପ୍ରାୟ ୫୧୧ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅଳକଳନ କରାଯାଇଛି। ଏଥିପାଇଁ କେନ୍ଦ୍ର ସରକାର ୧୧୫.୯୭ କୋଟି ଟଙ୍କା ପ୍ରଦାନ କରିବାବେଳେ ରାଜ୍ୟ ସରକାର ୩୯୫.୭୫ କୋଟି ଟଙ୍କା ଯୋଗାଇ ଦେବେ। ଏହାଦ୍ୱାରା ପ୍ରାୟ ୪ ଲକ୍ଷ ୫୦ ହଜାର ଗର୍ଭବତୀ ଓ ପ୍ରସୂତି ମହିଳା ଉପକୃତ ହେବାର ସମ୍ଭାବନା ରହିଛି।

## ଜେଇଇ ମୁଖ୍ୟ ପରୀକ୍ଷା ଫଳ ପ୍ରକାଶ

**ନୂଆଦିଲ୍ଲୀ,୧୧।୨(ମହାଭାରତ):** ଜାତୀୟ ପରୀକ୍ଷଣ ସଂସ୍ଥା ଏନଟିଏ ଦ୍ୱାରା ପରିଚାଳିତ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ପ୍ରଥମ ଅଧିବେଶନର ମୁଖ୍ୟ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଏଥିରେ ୧୪ ଜଣ ପରୀକ୍ଷାର୍ଥୀ ଶତ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି ସେମାନଙ୍କ ମଧ୍ୟରେ ୧୩ ଜଣ ପୁଅ ଓ ଜଣେ ଝିଅ ଅଛନ୍ତି।

ସୂଚନା ଅନୁଯାୟୀ, ୧୨ ଲକ୍ଷ ୮୫ ହଜାର ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିଲେ। ଶତ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ୧୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରେ ରାଜସ୍ଥାନରୁ ଓମ ପ୍ରକାଶ ବେହେରା, ଅର୍ଣ୍ଣବ ସିଂ, ସକ୍ଷମ ଜିନ୍ଦଲ, ଆୟୁଷ ସିଂହଲ ଓ ରାଜିତ ଗୁପ୍ତା, କର୍ଣ୍ଣାଟକରୁ କୃଶଗ୍ର ଗୁପ୍ତା, ଦିଲ୍ଲୀ ଏନସିଟିରୁ ଦକ୍ଷ ଓ ହର୍ଷ ଝା, ଉତ୍ତରପ୍ରଦେଶରୁ ଶ୍ରେୟସ ଲୋହିଆ ଓ ସୌରଭ, ମହାରାଷ୍ଟ୍ରରୁ ବିଷାଦ ଜୈନ, ଗୁଜୁରାଟରୁ ଶିଭେନ ବିକାଶ ତୋଷଣୀ ଲ, ଆନ୍ଧ୍ରପ୍ରଦେଶରୁ ସାଇ ମନୋଗଣ ଗୁଥିକୋଣ୍ଡା ଏବଂ ତେଲେଙ୍ଗାନାରୁ ବାଣୀ ବ୍ରତ ମାଜୀ।

ବ୍ୟାଚଲର ଇନ ଇଞ୍ଜିନିଅରିଂ ଓ ବିଟେକ ପ୍ରଥମ ପତ୍ର ପାଇଁ ଗତ ମାସ ୨୨, ୨୩, ୨୪, ୨୮ ଓ ୨୯ ତାରିଖରେ ଦେଶର ୩୦୪ଟି ସହରରେ ୬୧୮ଟି କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ବିଦେଶରେ ୧୫ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଇଂରାଜୀ ସମେତ ୧୨ଟି ଭାରତୀୟ ଭାଷାରେ ଏହି ପରୀକ୍ଷା କରାଯାଇଥିଲା। ମୋଟ ୧୩ ଲକ୍ଷ ୧୧ ହଜାର ୫୪୪ ଜଣ ଏହି ପରୀକ୍ଷା ପାଇଁ ପଞ୍ଜିକରଣ କରିଥିଲେ ଓ ୧୨ ଲକ୍ଷ ୫୮ ହଜାର ୧୩୬ ଜଣ ପରୀକ୍ଷା ଦେଇଥିଲେ।

## ଦୁର୍ଘଟଣାରେ ୭ ମୃତ

ନୂଆଦିଲ୍ଲୀ, ୧୧।୨: ମଧ୍ୟପ୍ରଦେଶର ଜବଲପୁର ଜିଲ୍ଲାରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମହାକୁମ୍ଭ ମେଳାରୁ ବୁଡ ପକାଇ ଫେରିବାବେଳେ ଟ୍ରାଭେଲରକୁ ଟ୍ରକ୍ ଧକ୍କା ଦେବାରୁ ୭ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଗତକାଲି ଆନ୍ଧ୍ରପ୍ରଦେଶର କିଛି ଲୋକ ଏକ ଟ୍ରାଭେଲର ଯୋଗେ ପ୍ରୟାଗରାଜ ଯାଇଥିଲେ। ମହାକୁମ୍ଭରେ ବୁଡ ପକାଇ ଫେରିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ନାଗପୁର ପ୍ରୟାଗରାଜ ଜାତୀୟ ରାଜପଥରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଟ୍ରାଭେଲରକୁ ଧକ୍କା ଦେଇଛି। ଆଜି ସକାଳ ୯ଟା ସମୟରେ ଏହି ଅଘଟଣ ଘଟିଛି। ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ଗୁରୁତର ମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି।

# ଜୟଦେବ ବିହାରରୁ ନନ୍ଦନକାନନ ଫ୍ଲାଏ ଓଭର

**ଭୁବନେଶ୍ୱର,୧୧।୨(ମହାଭାରତ):** ରାଜଧାନୀ ଭୁବନେଶ୍ୱରକୁ ବୃହତର କରିବା ପାଇଁ ରାଜ୍ୟ ସରକାର ବଡ଼ ବଡ଼ ଯୋଜନା ପ୍ରଣୟନ କରୁଛନ୍ତି। ଭୁବନେଶ୍ୱରକୁ ଟ୍ରାଫିକମୁକ୍ତ କରିବା ପାଇଁ ଅନ୍ୟତମ ବ୍ୟସ୍ତବହୁଳ ରାସ୍ତା ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଫ୍ଲାଏ ଓଭର ନିର୍ମାଣ ହେବ। ଏହି କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।



ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସରକାର ଏହି ପ୍ରକଳ୍ପକୁ ଅନୁମତି ଦେଇ ସାରିଛନ୍ତି। ଖୁବଶୀଘ୍ର ଟେକ୍ନିକାଲ କାର୍ଯ୍ୟ ଆରମ୍ଭ ହେବ। ଜୟଦେବ ବିହାରରେ ଜାତୀୟ ରାଜପଥର ଯେଉଁ ଫ୍ଲାଏ ଓଭର ରହିଛି ତାକୁ ସଂଯୋଗ କରି ସେ ଫ୍ଲାଏ ଓଭର ନନ୍ଦନ କାନନ ପର୍ଯ୍ୟନ୍ତ ଯିବ। ମଝିରେ ମଝିରେ ଯେଉଁଠି ବଡ଼ ବଡ଼ ଛକ ଅଛି ସେଠି ଏସକେପ ୱେ ରହିବ। ଯେଉଁମାନେ ଉପରେ ଯାତାୟାତ କରୁଥିବେ ସେମାନଙ୍କ ପାଇଁ ତଳକୁ ଓହ୍ଲାଇବା ପାଇଁ କୌଣସି ଅସୁବିଧା ହେବ ନାହିଁ।ସବୁ ଦୃଷ୍ଟିକୁ ଆଖି ଆଗରେ ରଖି ଯୋଜନା କରାଯାଇଛି। ସେଠି ଯେଉଁ ରାସ୍ତା ତଳେ ଚାଲିଛି ଚାଲିବ ତାହା ସହ ଉପରେ ମଧ୍ୟ ୪ ଲେନ ରାସ୍ତା ନିର୍ମାଣ ହେବ। ଏଇ ରାସ୍ତା ଆଗାମୀ ଦିନରେ ଭୁବନେଶ୍ୱରର ଲାଇଫ ଲାଇନ ହେବ। ଆମେ ଆଶା ରଖିଛୁ ୨୦୨୭-୨୮ ସୁଦ୍ଧା ଏହି ପ୍ରକଳ୍ପରୁ ବଡ଼ ଭାଗ ଆମେ ଶେଷ କରି ଦେଇଥିବୁ। ସେହି ଯୋଜନା ନେଇ କାର୍ଯ୍ୟ କରାଯାଉଛି।

# ପିସିସି ସଭାପତି ହେଲେ ଭକ୍ତ ଦାସ

**ଭୁବନେଶ୍ୱର,୧୧।୨(ମହାଭାରତ):** ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଭକ୍ତ ଚରଣ ଦାସ ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ସଭାପତି ମନୋନୀତ ହୋଇଛନ୍ତି। ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି)ର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଅନୁମୋଦନ ପରେ ସାଧାରଣ ସଂପାଦକ କେସି ବେଣୁଗୋପାଳ ଆଜି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ପିସିସିର ସଭାପତି ପଦବୀରୁ ଶରତ ପଟ୍ଟନାୟକ ଇସ୍ତଫା ଦେଲା ପରେ ଏହି ପଦ ଦୀର୍ଘ ଦିନ ହେଲା ଖାଲି ପଡ଼ିଥିଲା। ନୂଆ ନେତାଙ୍କୁ ଏହି ପଦବିରେ ନିଯୁକ୍ତି ମିଳିବା ପରେ କଂଗ୍ରେସକୁ ନୂତନ ବଳ ମିଳିବ ବୋଲି ଆଶା କରାଯାଉଛି।



ପିସିସି ସଭାପତି ଭାବେ ନିଯୁକ୍ତି ହେଲା ପରେ ଭକ୍ତ ଦାସ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି, ଯୁବ ଓ ବରିଷ୍ଠଙ୍କୁ ନେଇ କାମ କରିବି। କଂଗ୍ରେସକୁ ଆନ୍ଦୋଳନ ଜରିଆରେ ଘରେଘରେ ପହଞ୍ଚାଇବୁ। ସମସ୍ତେ ମୋତେ ସହଯୋଗ କରିବେ ବୋଲି ଆଶା କରୁଛି। ଗାନ୍ଧି ପରିବାର ମୋତେ ପୂର୍ବରୁ ଅନେକ ଦାୟିତ୍ୱ ଦେଇଛନ୍ତି। ସବୁ ଦାୟିତ୍ୱ ସାମର୍ଥ୍ୟ ମତେ ପୂରଣ କରି ଆସ୍ଥାଭାଜନ ହୋଇଛି। ଲୋକଙ୍କ ପାଖକୁ ଯାଇ ଶହେ ଟଙ୍କା ଲେଖାଏଁ ମାଗି ସମ୍ବଳ ବଢ଼ାଇବି। ଲୋକଙ୍କ ଆସ୍ଥାଭାଜନ ହେବା ମୋର ଲକ୍ଷ୍ୟ।

# ଏଆଇ ମାନବିକତା ପାଇଁ କୋଡ୍ ଲେଖୁଛି : ମୋଦୀ

**ନୂଆଦିଲ୍ଲୀ,୧୧।୨(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୈତିକ ଶାସନ ଏବଂ ଅନ୍ତର୍ଭୁକ୍ତି ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହିତ କୃତ୍ରିମ ବୁଦ୍ଧିର ରୂପାନ୍ତରଣ ଶକ୍ତି ଉପରେ ଗୁରୁତ୍ୱାରୋପ କରିଛନ୍ତି। ଭାରତ ନିଜ ଅନୁଭବ ଓ ବିଶେଷଜ୍ଞତାକୁ ବାଂଟିବା ପାଇଁ ପ୍ରସ୍ତୁତ ଅଛି ଯଦ୍ୱାରା ଏହା ସୁନିଶ୍ଚିତ ହେଉ ଯେ, ଏଆଇର ଭବିଷ୍ୟତ ସମସ୍ତଙ୍କ ପାଇଁ ଭଲ ଅଟେ ବୋଲି ପ୍ୟାରିସର ଗ୍ରାଣ୍ଡ ପାଲାଇସରେ ଆୟୋଜିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଆକ୍ସନ ଶିଖର ସମ୍ମିଳନୀରେ ମୋଦି ଏହା କହିଛନ୍ତି। ସେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ସହ ଶିଖର ସମ୍ମିଳନୀର ସହ ଅଧ୍ୟକ୍ଷତା କରିଛନ୍ତି।



ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏଆଇ ଅଭୁତପୂର୍ବ ବେଗ ଓ ଗତିରେ ବିକଶିତ ହେଉଛି ଏବଂ ଏହାକୁ ଆହୁରି ବି ଦ୍ରୁତ ଭାବେ ଆପଣାଇଛି ଏବଂ ଲାଗୁ କରାଯାଉଛି। ସୀମା ପାର୍ ବି ଗଭୀର ନିର୍ଭରଶୀଳତା ରହିଛି। ଏଥିପାଇଁ ଶାସନ ଓ ମାନକକୁ ସ୍ଥାପିତ କରିବା ପାଇଁ ସାମୁହିକ ବୈଶ୍ୱିକ ପ୍ରୟାସର ଆବଶ୍ୟକତା ଅଟେ ଯାହା ଆମର ବାଂଟୁଥିବା ମୂଲ୍ୟକୁ ବନାଇ ରଖିବ। ସେ କହିଛନ୍ତି ଯେ, ଭାରତ ବହୁତ କମ ମୂଲ୍ୟରେ ୧.୪ ବିଲିୟନରୁ ଅଧିକ ଲୋକଙ୍କ ପାଇଁ ସଫଳତାପୂର୍ବକ ଡିଜିଟାଲ ସାର୍ବଜନୀନ ଅବସଂରଚନାର ନିର୍ମାଣ କରିଛି। ଏହା ଏକ ଖୋଲା ଓ ସୁଲଭ ନେଟୱର୍କର ଇର୍ଦ-ଗିର୍ଦ ନିର୍ମିତ ଅଟେ।ଏହାଦ୍ୱାରା ଆମର ଅର୍ଥବ୍ୟବସ୍ଥାକୁ ଆଧୁନିକ କରିବା, ଶାସନରେ ସୁଧାର କରିବା ଓ ଆମର ଲୋକଙ୍କ ଜୀବନକୁ ବଦଳାଇବା ପାଇଁ ନିୟମ ଓ ଅନୁପ୍ରୟୋଗର ବିସ୍ତୃତ ଶୃଙ୍ଖଳା ଅଟେ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆଜି ଭାରତ ଏଆଇକୁ ଆପଣାଇବା ସହ ଡେଟା ଗୋପନୀୟତାରେ ଟେକ୍ନୋଲୋଜି-ଆଇନ ଆଧାରରେ ବି ଅଗ୍ରଣୀ ଅଟେ। ଏଆଇ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ଅନ୍ୟ କ୍ଷେତ୍ରରେ ସୁଧାର ଆଣି ଲକ୍ଷଲକ୍ଷ ଲୋକଙ୍କ ଜୀବନକୁ ବଦଳାଇବାରେ ସହଯୋଗ କରିପାରିବ। ସେ କହିଛନ୍ତି ଯେ ଶାସନର ଅର୍ଥ କେବଳ ମତଭେଦ ଓ ପ୍ରତିଦ୍ୱିନ୍ଦିତାକୁ ସମ୍ଭାଳିବା ନୁହେଁ। ଏହାର ଅର୍ଥ ନବାଚାରକୁ ପ୍ରୋତ୍ସାହିତ କରିବା ଏବଂ ବୈଶ୍ୱିକ କଲ୍ୟାଣ ପାଇଁ ଏହାର ବ୍ୟବହାର ବି କରିବା ଅଟେ।

ଏଥିପାଇଁ ଆମେ ନବାଚାର ଓ ଶାସନ ସଂପର୍କରେ ଗଭୀର ଭାବେ ଭାବିବା ଉଚିତ ଏବଂ ଖୋଲା ଭାବେ ଚର୍ଚ୍ଚା କରିବା ଆବଶ୍ୟକ। ମୋଦି କହିଛନ୍ତି ଯେ ଶାସନ କେବଳ ବିଭେଦ ଓ ପ୍ରତିଦ୍ୱନ୍ଦ୍ୱିତାକୁ ନିୟନ୍ତ୍ରଣ କରିବା ପାଇଁ ନୁହେଁ; ଏହା ଅଭିନବତାକୁ ପ୍ରୋତ୍ସାହିତ କରିବା ଏବଂ ଏହାକୁ ବିଶ୍ୱର ମଙ୍ଗଳ ପାଇଁ ନିୟୋଜିତ କରିବା ବିଷୟରେ ମଧ୍ୟ ଅଟେ ଅଭିନବତା ଏବଂ ଶାସନ ବିଷୟରେ ବିଶ୍ ଗଭୀର ଭାବରେ ଚିନ୍ତା କରିବା ଏବଂ ଖୋଲାଖୋଲି ଆଲୋଚନା କରିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ ଶାସନ ହେଉଛି ସମସ୍ତଙ୍କ ପାଇଁ, ବିଶେଷକରି ଗ୍ଲୋବାଲ ସାଉଥରେ ପ୍ରବେଶକୁ ସୁନିଶ୍ଚିତ କରିବା ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉନ୍ନତି ଆଣି ଏଆଇ ଲକ୍ଷ ଲକ୍ଷ ଜୀବନରେ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିବ ବୋଲି ସେ କହିଥିଲେ।

ସାଇବର ନିରାପତ୍ତା, ଅପପ୍ରଚାର ଏବଂ ଡିପ୍ ଫେକ୍ ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିବାକୁ ପ୍ରଧାନମନ୍ତ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି। ସେ କହିଥିଲେ ଯେ ଆମକୁ ଏହା ମଧ୍ୟ ସୁନିଶ୍ଚିତ କରିବାକୁ ହେବ ଯେ ଟେକ୍ନୋଲୋଜି ପ୍ରଭାବଶାଳୀ ଏବଂ ଉପଯୋଗୀ ହେବା ପାଇଁ ସ୍ଥାନୀୟ ଇକୋସିଷ୍ଟମ ଆଧାରିତ ହେବା ଆବଶ୍ୟକ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତ ଜନସାଧାରଣଙ୍କ କଲ୍ୟାଣ ପାଇଁ ଏଆଇ ଆପ୍ଲିକେସନ୍ ବିକଶିତ କରୁଛି। ଡାଟା ଗୋପନୀୟତା କ୍ଷେତ୍ରରେ ଏଆଇ ଗ୍ରହଣ ଏବଂ ଟେକ୍ନୋ-ଲିଗାଲ ସମାଧାନ କ୍ଷେତ୍ରରେ ଭାରତ ଅଗ୍ରଣୀ ବୋଲି ଶ୍ରୀ ମୋଦୀ ଆଲୋକପାତ କରିଥିଲେ। ଏଆଇ ଭିତ୍ତିକ ଭବିଷ୍ୟତ ପାଇଁ ଲୋକଙ୍କୁ ଦକ୍ଷ ତାଲିମ ଓ ପୁନଃ ଦକ୍ଷତା ଦେବା ଦିଗରେ ନିବେଶ କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏଆଇ ଦ୍ରୁତ ଗତିରେ ବିକଶିତ ହେଉଛି ଏବଂ ଏହାକୁ ଆହୁରି ଦ୍ରୁତ ଗତିରେ ଗ୍ରହଣ ଓ ନିୟୋଜିତ କରାଯାଉଛି। ମିଳିତ ମୂଲ୍ୟବୋଧକୁ ବଜାୟ ରଖିବା, ବିପଦର ସମାଧାନ କରିବା ଏବଂ ବିଶ୍ୱାସ ସୃଷ୍ଟି କରିବା ପାଇଁ ଶାସନ ଏବଂ ମାନଦଣ୍ଡ ପ୍ରତିଷ୍ଠା ପାଇଁ ସାମୂହିକ ବିଶ୍ୱସ୍ତରୀୟ ପ୍ରୟାସ ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ଶତାବ୍ଦୀରେ ଏଆଇ ମାନବିକତା ପାଇଁ କୋଡ୍ ଲେଖୁଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ।

# ରାଣୀହାଟ ଉଚ୍ଚ ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟ ମାନ୍ୟତା ଘୋଷଣା

**ଭୁବନେଶ୍ୱର,୧୧।୨(ମହାଭାରତ):** ଓଡ଼ିଶା ଇତିହାସର ଅନନ୍ୟ ମୁକସାକ୍ଷୀ ରାଣୀହାଟ ଉଚ୍ଚ ବିଦ୍ୟାଳୟ ଆଜି ଠାରୁ ଶହେ ବର୍ଷରେ ପଦାର୍ପଣ କରିବାକୁ ଯାଉଛି ଏବଂ ଏହି ଖ୍ୟାତି ସମ୍ପନ୍ନ ବିଦ୍ୟାଳୟକୁ ଐତିହ୍ୟ ବିଦ୍ୟାଳୟର ମାନ୍ୟତା ଦିଆଯିବା ପାଇଁ ନିଷ୍ପତ୍ତି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଘୋଷଣା କରିଛନ୍ତି।

କଟକ ସ୍ଥିତ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିଅମ ଠାରେ ଆୟୋଜିତ ରାଣୀହାଟ ଉଚ୍ଚ ବିଦ୍ୟାଳୟର ଶତ ବାର୍ଷିକୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଐତିହ୍ୟ ବିଦ୍ୟାଳୟ ଭାବେ ମାନ୍ୟତା ଦୃଷ୍ଟିରୁ ଏହାର ଆନୁସଙ୍ଗିକ ବିକାଶ ପାଇଁ ୪ କୋଟି ଟଙ୍କା ଏହି ବିଦ୍ୟାଳୟକୁ ପ୍ରଦାନ କରାଯିବ ଏବଂ ଏହାର ଉନ୍ନତିକରଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆହୁରି ୨ କୋଟି ଟଙ୍କା ଅନୁଦାନ ଦିଆଯିବ ବୋଲି ଘୋଷଣା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେଯେ ୨୦୩୬ରେ ଯେତେବେଳେ ସ୍ୱତନ୍ତ୍ର ଓଡିଶା ତାର ୧୦୦ ବର୍ଷ ପୂରଣ କରିବ, ସେତେବେଳେ ରାଣୀହାଟ ଉଚ୍ଚ ବିଦ୍ୟାଳୟ ସେହି ୧୦୦ ବର୍ଷର ଅନ୍ୟତମ ସଫଳତାର କାହାଣୀ ବ୍ୟାଖ୍ୟା କରିବ ଉତ୍କର୍ଷତା ର କେନ୍ଦ୍ରବିନ୍ଦୁ ପାଲଟିବା ସହିତ ଶିକ୍ଷାଭୂମିର ଅନନ୍ୟ ଦୃଷ୍ଟାନ୍ତ ହୋଇ ଆଗାମୀ ପିଢ଼ିକୁ ଦିଗଦର୍ଶନ ଦେବ। ଯେ କୌଣସି ଅନୁଷ୍ଠାନର ଯାତ୍ରାରେ ଏକଶହ ବର୍ଷ ସଫଳତାର ସହିତ ପୂର୍ଣ୍ଣ କରିବା ନିଶ୍ଚିତ ଭାବେ ଅଭିନନ୍ଦନୀୟ। ଶତାୟୁ ଅନୁଷ୍ଠାନ ରାଣୀହାଟ ଉଚ୍ଚବିଦ୍ୟାଳୟର ଇତିହାସ ଗୌରବମୟ ଓ ବଳିଷ୍ଠ। ଏହି ଶହେ ବର୍ଷ ମଧ୍ୟରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ମାନେ ସେମାନଙ୍କ ଅତୁଟ ସମର୍ପଣ ଏବଂ ପ୍ରତିବଦ୍ଧତା ପାଇଁ ଏହା ଏକ ସ୍କୁଲ ନୁହେଁ ବରଂ ଏହା କଟକ ସହରରେ ଏକ ସ୍ୱତନ୍ତ୍ର ପରିଚୟ ପାଲଟିଛି ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ।



ସେ ଆହୁରି ମଧ୍ୟ କହିଥିଲେ ଯେ ରାଣୀହାଟ ଉଚ୍ଚ ବିଦ୍ୟାଳୟ କେବଳ ଏକ ସ୍କୁଲ ନୁହେଁ, ଏହା କଟକ ସହରରେ ଏକ ସ୍ୱତନ୍ତ୍ର ପରିଚୟ ଏହି ବିଦ୍ୟାଳୟରେ କଟକ ସହରର ଅନେକ ତୁଙ୍ଗ ବ୍ୟକ୍ତିତ୍ୱ ପାଠପଢି ନିଜ ନିଜ କ୍ଷେତ୍ରରେ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଏହି ବିଦ୍ୟାଳୟରେ ପୂର୍ବତନ ସାଂସଦ ସ୍ୱର୍ଗତ ଜୟନ୍ତୀ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେ ଏବଂ ସ୍ୱର୍ଗତ ଦାମୋଦର ରାଉତଙ୍କ ପରି ଅନେକ ପ୍ରତିଭା ସମ୍ପନ୍ନ ସଫଳ ବ୍ୟକ୍ତିତ୍ୱ ନିଜର ଛାତ୍ର ଜୀବନ କଟେଇଛନ୍ତି। ଏହା ବ୍ୟତୀତ, ରାଣୀହାଟ ହାଇସ୍କୁଲର ପୂର୍ବତନ ଛାତ୍ରମାନଙ୍କ ମଧ୍ୟରେ ବିଶିଷ୍ଟ ଶିଳ୍ପପତି, ଯେପରିକି ଇମ୍ଫାର ପ୍ରତିଷ୍ଠାତା ସ୍ୱର୍ଗତ ବଂଶୀଧର ପଣ୍ଡା, ରୁଚି ମସଲାର ପ୍ରତିଷ୍ଠାତା ଶରତ କୁମାର ସାହୁ ଏହି ସଫଳ ବ୍ୟକ୍ତିମାନଙ୍କ ଉତ୍କର୍ଷତା ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ପାଇଁ ସର୍ବଦା ପ୍ରେରଣା ହୋଇ ରହିଛି। ବ୍ରିଟିଶ୍ ଅମଳରୁ ରହିଥିବା ୩ଟି ଖୋଲା ଛାତ ଘରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟ, ଏବଂ ପରବର୍ତ୍ତୀ ସମୟରେ ବାଞ୍ଛାନିଧି ଶତପଥୀଙ୍କ ପ୍ରଚେଷ୍ଟାରେ ଚାଲୁଥିବା ଏହି ବିଦ୍ୟାଳୟ ବର୍ତ୍ତମାନ ଓଡ଼ିଶାର ଏକ ବୃହତ୍ତ ବିଦ୍ୟାଳୟ ଭାବେ ପରିଗଣିତ ହେଉଛି। ଏହି ଶତବାର୍ଷିକୀ ପାଳନ କେବଳ ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ ବରଂ ସମାଜ ପାଇଁ ମଧ୍ୟ ଶୈକ୍ଷିକ ବିକାଶକୁ ଅଭିବୃଦ୍ଧି ତଥା ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକଳାପ ବର୍ଷସାରା ପାଳନ କରିବା ଯୋଜନା ପ୍ରକୃତରେ ପ୍ରଶଂସନୀୟ ବୋଲିସେ କହିଥିଲେ।

ଆମ ସରକାର ଆମ ଛାତ୍ରଛାତ୍ରୀଙ୍କ ପାଇଁ ଉତ୍କୃଷ୍ଟ ଶୈକ୍ଷିକ ସୁଯୋଗ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଆମେ ଆମ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟର ଭିତ୍ତିଭୂମିକୁ ନବୀକରଣ କରିବାକୁ ଯୋଜନା କରୁଛୁ ଯାହା ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କୁ ଆଧୁନିକ ଶିକ୍ଷା ସୁବିଧା ମିଳିବା ସହିତ ଶିକ୍ଷାର ମଧ୍ୟ ମାନ ବୃଦ୍ଧି ହେବ।

ଏହି ଅବସରରେ ସମ୍ମାନିତ ଅତିଥି ତଥା ରାଜ୍ୟ ପୂର୍ତ୍ତ ବିଭାଗ, ଅବକାରୀ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେଯେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ପୁରାତନ ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କୁ ସେମାନଙ୍କ ଅତୁଟ ସମର୍ପଣ ଏବଂ ପ୍ରତିବଦ୍ଧତା ପାଇଁ ଆଜି ଓଡ଼ିଶାର ଏହି ଅନ୍ୟତମ ପୁରାତନ ବିଦ୍ୟାଳୟ ୧୦୦ ବର୍ଷ ପାଳନ କରିବାକୁ ଯାଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡ୍ରପ୍ ଆଉଟ ହାର କମାଇବା ପାଇଁ ଆମ ସରକାର ଶହୀଦ୍ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନାର ଶୁଭାରମ୍ଭ କରିଛନ୍ତି ଏହାର ସୁବିଧା ଦ୍ୱାରା ରାଜ୍ୟରେ ଡ୍ରପ ଆଉଟ ସଂଖ୍ୟା କମିବ ଏବଂ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଜାତୀୟ ଶିକ୍ଷା ନୀତି ଲାଗୁ ହୋଇଛି ଏହାର ଉପାଦେୟତା ସମସ୍ତ ଛାତ୍ର ଛାତ୍ରୀ ପାଇବା ଦରକାର ଏବଂ ରାଣୀହାଟ ଉଚ୍ଚ ବିଦ୍ୟାଳୟ ଏକ ଖ୍ୟାତି ସମ୍ପନ୍ନ ବିଦ୍ୟାଳୟ ଭାବେ ଏମିତି ଓଡ଼ିଶାର ଗୌରବକୁ ବୃଦ୍ଧି କରୁଥାଉ। ଉକ୍ତ କାର୍ଯ୍ୟକ୍ରମରେ କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, କଟକ-ବାରବାଟୀ ବିଧାୟିକା ଇଂ ସୋଫିଆ। ଫିଦୋଷ, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ସମେତ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଶତବାର୍ଷିକୀ କମିଟିର ଅଧ୍ୟକ୍ଷ "ଡ. ଜଷ୍ଟିସ୍ ଦୁର୍ଗାପ୍ରସନ୍ନ ଚୌଧୁରୀ, ଶତବାର୍ଷିକୀ କମିଟିର ଉପସଭାପତି ବ୍ରଜ କିଶୋର ନନ୍ଦ ଓ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପଲ୍ଲବୀ ମହାଜନ ପ୍ରମୁଖ ଉପସ୍ଥିତ ଥିଲେ।

## କଖାରୁ ପତ୍ର ଚିଙ୍ଗୁଡ଼ି ପିଠଉ



ଆବଶ୍ୟକ ସାମଗ୍ରୀ : ଚିଙ୍ଗୁଡ଼ି ଭଜା, କଖାରୁ ପତ୍ର, କଟା ପିଆଜ, ରସୁଣ, କଞ୍ଚାଲଙ୍କା, ଲୁଣ, ତେଲ ଏବଂ ଚାଉଳରେ ଜିରା, ହଳଦୀ, ଧନିଆ।, ଲୁଣ ଓ ଲଙ୍କାଗୁଣ୍ଡା ମିଶା ପିଠଉ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିଙ୍ଗୁଡ଼ି ମାଛରେ ଲୁଣ ଓ ହଳଦୀ ମିଶାଇ ଭାଜି ଦିଅନ୍ତୁ। ଚାଉଳକୁ ବାଟି ସେଥିରେ ଲୁଣ, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ ମିଶାଇ ପିଠଉ ପ୍ରସ୍ତୁତ କରି ରଖନ୍ତୁ। ଏହାପରେ ଭଜା ଚିଙ୍ଗୁଡ଼ି ମାଛରେ ରସୁଣ, କଟା ପିଆଜ ଓ କଞ୍ଚାଲଙ୍କା ପକାଇ ଭଲ ଭବାରେ ଛେଚି ଦିଅନ୍ତୁ। କଖାରୁ ପତ୍ରରେ ଚିଙ୍ଗୁଡ଼ି ଛେଚା ରଖି ତାକୁ ଭଲ ଭାବରେ ଗୁଡ଼ାଇ କାଠି ଦ୍ୱାରା ଗୁନ୍ଥି ରଖନ୍ତୁ। ଗ୍ୟାସ୍ ଲଗାଇ ତାୱାରେ ତେଲ ଗରମ କରନ୍ତୁ। ଏହାପରେ ଚିଙ୍ଗୁଡ଼ି ପୁରଦିଆ କଖାରୁ ପତ୍ରକୁ ଚାଉଳ ପିଠଉରେ ବୁଡ଼ାଇ ସେକନ୍ତୁ।ଏବେ ପ୍ରସ୍ତୁତ ହୋଇଗଲା କଖାରୁ ପତ୍ର ଚିଙ୍ଗୁଡ଼ି ପିଠଉ।



..... ପରଦା ଖବର ......

# ନିଆରା କାହାଣୀକୁ ନେଇ ଆସୁଛି ଓଡ଼ିଆ ଚଳଚ୍ଚିତ୍ର 'ମାଷ୍ଟୁର'



ଏକ ନିଆରା କାହାଣୀକୁ ନେଇ ଆସୁଛି ଓଡ଼ିଆ ଚଳଚ୍ଚିତ୍ର 'ମାଷ୍ଟୁର'। ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିରଠାରେ ଏହି ଚଳଚ୍ଚିତ୍ରକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସିନେମାର କାହାଣୀ ମୁଖ୍ୟତଃ ଜଣେ ଶିକ୍ଷକଙ୍କ ସଂଘର୍ଷର କାହାଣୀ। ଚିରାଚରିତ ପ୍ରଥାରୁ ବାହାରି ଏକ ନିଛକ କାହାଣୀ ଉପରେ ଏହି ଚଳଚ୍ଚିତ୍ର ପର୍ଯ୍ୟବସିତ ବୋଲି ନିର୍ଦ୍ଦେଶକ ଯଶ ବର୍ମା କହିଛନ୍ତି। 'ମାଷ୍ଟୁର'ର ପ୍ରଯୋଜନା ଭାର କୁମାର ପ୍ରୀତମ ସାହୁ ବହନ କରିଥିବାବେଳେ ଏହାକୁ ଆନମିଶ ପ୍ରଡକ୍ସନ ହାଉସ ବ୍ୟାନରରେ ଆଗାମୀ ଉତ୍କଳ ଦିବସ ଅବସରରେ ମୁକ୍ତିଲାଭ କରିବାକୁ ଲକ୍ଷ୍ୟ ରଖାଯାଇଥିବା କହିଛନ୍ତି ନିର୍ଦ୍ଦେଶକ।ସୂଚନାଯୋଗ୍ୟ, ଯଶ ବର୍ମା ଓ ସୁନୀଲ କୁମାର ସାହୁ ମିଳିତ ଭାବେ ଏହି ସିନେମାର ନିର୍ଦ୍ଦେଶନା ଦେଇଛନ୍ତି। ଏଥିସହ ରାଜେଶ, ଗୁଞ୍ଜନ, ଟିକିରଥ ପ୍ରମୁଖ କଳାକାର ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ମୁଖ୍ୟତଃ କେନ୍ଦୁଝରର ବିଭିନ୍ନ ସ୍ଥାନରେ ଫିଲ୍ମର ଶୁଟିଂ କରାଯିବା ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ ପ୍ରକାଶ।

## ଶିବଙ୍କ ପ୍ରସିଦ୍ଧ ଶିଷ୍ୟ

ଭଗବାନ ଶିବଙ୍କୁ ଆଦି ଗୁରୁ କୁହାଯାଏ। ମହାଦେବଙ୍କ କୌଣସି ଆଦି କିମ୍ବା ଅନ୍ତ ନାହିଁ । ତାଙ୍କ ଉତ୍ପତି କିମ୍ବା ଅନ୍ତ ବିଷୟରେ କିଛି ଜଣାଯାଏ ନାହିଁ । ସେ ପରମପିତା ପରମେଶ୍ୱର । ଭଗବାନ ଶିବ ଗୁରୁ ଭାବେ ଅନେକ ଶିଷ୍ୟଙ୍କୁ ଜ୍ଞାନ ପ୍ରଦାନ କରିଥିଲେ । ତାଙ୍କୁ ସୃଷ୍ଟିର ପ୍ରଥମ ଗୁରୁ କୁହାଯାଏ । ଭଗବାନ ବିଷ୍ଣୁଙ୍କ ଅବତାର ପର୍ଶୁରାମ ଅସ୍ତ୍ରଶସ୍ତ୍ର ଶିକ୍ଷା ମହାଦେବଙ୍କ ଠାରୁ ଗ୍ରହଣ କରିଥିଲେ । ଶିବଙ୍କ ଦ୍ୱାରା ପ୍ରଦତ୍ତ ପର୍ଶୁ(ପର୍ଶୁ) କାରଣରୁ ଋଷି ଜମଦଗ୍ନିଙ୍କ ପୁତ୍ର ରାମଙ୍କ ନାମ ପର୍ଶୁରାମ ହୋଇଥିଲେ । ଏହି ମହା ଅସ୍ତ୍ର ଦ୍ୱାରା ପର୍ଶୁରାମ ପୃଥିବୀକୁ ୨୧ ଥର କ୍ଷତ୍ରିୟ ମୁକ୍ତ କରିଥିଲେ । ବ୍ରହ୍ମବୈବର୍ତ୍ତ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ନାଗରାଜ ବାସୁକୀଙ୍କ ଭଉଣୀ ଜରତ୍କାରୁଙ୍କ ଗୁରୁ ମଧ୍ୟ ଭଗବାନ ଶିବ ଥିଲେ । ଦାନବମାନଙ୍କର ଗୁରୁ ଶୁକ୍ରାଚାର୍ଯ୍ୟ



ଭଗବାନ ଶିବଙ୍କ ଠାରୁ ମୃତ ସଞ୍ଜିବନୀ ବିଦ୍ୟା ଗ୍ରହଣ କରିଥିଲେ । ଥରେ ଦେବତା ଏବଂ ଦାନବଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହୋଇଥିଲା । ଦେବତାମାନେ ବିଜୟୀ ହେବା ସହିତ ରାକ୍ଷସମାନଙ୍କୁ ବଧ କରିଥିଲେ । ମାତ୍ର ଶୁକ୍ରାଚାର୍ଯ୍ୟ ନିଜ ମୃତ ସଞ୍ଜିବନୀ ବିଦ୍ୟା ବଳରେ ପୁଣିଥରେ ଅସୁରମାନଙ୍କୁ ଜୀବନଦାନ ଦେଇଥିଲେ । ଏହା ଦେଖି ଶୁକ୍ରାଚାର୍ଯ୍ୟଙ୍କୁ ଭଗବାନ ଶିବ ଗିଳି ଦେଇଥିଲେ । ଯୁଦ୍ଧ ଶେଷ ହେବା ପରେ ତାଙ୍କୁ ବାହାରକୁ ବାହାର କରିଥିଲେ । ଶିବଙ୍କ ଦ୍ୱାରା ପୁନଃ ଉତ୍ପନ୍ନ ହୋଇଥିବା କାରଣରୁ ମାତା ପାର୍ବତୀ ଶୁକ୍ରାଚାର୍ଯ୍ୟଙ୍କୁ ନିଜ ପୁତ୍ର ରୂପେ ଗ୍ରହଣ କରିଥିଲେ ।

# ଘରେ ପ୍ରସ୍ତୁତ କରନ୍ତୁ ଗୁଡୁଚି କାଢ଼ା

ଆୟୁର୍ବେଦ ଅନୁସାରେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ପାଇଁ ଗିଲୋଇ ବା ଗୁଡୁଚି ରସ ସାହାଯ୍ୟ କରିଥାଏ। ମହାମାରୀ କରୋନାରୁ ରକ୍ଷା ପାଇବା ପାଇଁ ଆୟୁଷ ମନ୍ତ୍ରଣାଳୟ ମଧ୍ୟ ଗିଲୋଇ କାଢ଼ା ପିଇବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଛି। ଗୁଡୁଚି କାଢ଼ା ପିଇଲେ ଡେଙ୍ଗୁ, ଚିକେନଗୁନିଆ ଓ ଜ୍ୱର ଆଦି ଭଲ ହୋଇଥାଏ। ତେବେ ବଜାରରେ ମିଳୁଥିବା ଗିଲୋଇ ରସ ନକିଣି ଆପଣ ଚାହିଁଲେ ଗିଲୋଇ ଗଛର ପତ୍ର ଓ ଡାଳ ମିଶାଇ ଘରେ ମଧ୍ୟ ଗିଲୋଇ କାଢ଼ା ପ୍ରସ୍ତୁତ କରିପାରିବେ। ଆସନ୍ତୁ ଜାଣିବା ଗୁଡୁଚି କାଢ଼ା କିପରି ପ୍ରସ୍ତୁତ ହୋଇଥାଏ।



ଗୁଡୁଚି କାଢ଼ା ପାଇଁ ଆବଶ୍ୟକ ସାମଗ୍ରୀ: ଦୁଇ କପ୍ ପାଣି, ଗିଲୋଇ ଡାଳ ବା ପତ୍ରରୁ କିଛି, ୧ ଚାମଚ ହଳଦୀ, ଦୁଇ ଇଞ୍ଚର ଅଦା, ୬ରୁ ୭ଟି ତୁଳସୀ ପତ୍ର ଓ ସ୍ୱାଦ ଅନୁସାରେ ଗୁଡ଼।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଦୁଇ କପ୍ ପାଣିକୁ ଅଳ୍ପ ଆଞ୍ଚରେ ଫୁଟାଇ ଦିଅନ୍ତୁ। ଏହି ପାଣିରେ ଗିଲୋଇ, ଅଦା, ହଳଦୀ, ତୁଳସୀ ପତ୍ର ଓ ଗୁଡ଼ ପକାଇ କିଛି ସମୟ ପାଇଁ ଫୁଟାନ୍ତୁ। ପାଣି ଅଧା ହୋଇଗଲେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ। ଏହାପରେ ଏକ ସଫା କପଡ଼ା ବା ଛଣାରେ ଏହି କାଢ଼ାକୁ ଛାଣି ଦିଅନ୍ତୁ।

ଗୁଡୁଚି କାଢ଼ାରୁ ମିଳୁଥିବା ସ୍ୱାସ୍ଥ୍ୟ ଲାଭ

୧. ଗିଲୋଇ କାଢ଼ା ପିଇଲେ ରୋଗ ପ୍ରତିରୋଧ ଶକ୍ତିର କ୍ଷମତା ବଢ଼ିଥାଏ ଏବଂ ଏଥିରେ ଥିବା ଅଦା ଓ ହଳଦୀ ଶରୀରକୁ ଇନଫେକସନଠାରୁ ରକ୍ଷା କରିଥାଏ।

୨. ଡେଙ୍ଗୁ ହେଲେ ଶରୀରରେ ପ୍ଲେଟ୍ଲେଟ୍ ସଂଖ୍ୟା କମ୍ ହୋଇଥାଏ। ଏହି ସମୟରେ ରୋଗୀଙ୍କୁ ଗିଲୋଇ କାଢ଼ା ଦେଲେ ପ୍ଲେଟ୍ଲେଟ୍ ସଂଖ୍ୟା ବୃଦ୍ଧି ପାଇଥାଏ।

ତେବେ ମନେରଖନ୍ତୁ, ପ୍ରତିଦିନ ଗୋଟିଏ କପରୁ ଅଧିକ ଗୁଡୁଚି କାଢ଼ା ପିଅନ୍ତୁ ନାହିଁ।

# ସମାଜ ମଙ୍ଗଳ ଉଦ୍ଦେଶ୍ୟରେ କରନ୍ତୁ ଜ୍ଞାନର ଉପଯୋଗ

ବେଦ ହେଉଛି ହିନ୍ଦୁ ମାନଙ୍କ ଧର୍ମ ଗ୍ରନ୍ଥ ଭାବେ ଧରାଯାଏ । ଋକ୍ , ଯଜୁର୍, ସାମ, ଅଥର୍ବ ଭାବେ ବେଦକୁ ଚାରି ଭାଗରେ ବିଭକ୍ତ କରାଯାଇଛି । କିନ୍ତୁ ହିନ୍ଦୁ ଧର୍ମରେ ମହାଭାରତକୁ ପଞ୍ଚମ ବେଦ ଭାବେ ପରିଗଣିତ କରାଯାଏ । ଆଉ ମଧ୍ୟ ବିଶ୍ୱାସ କରାଯାଏ କି ପ୍ରତ୍ୟେକ ଭାରତୀୟ ନିଜ ଜୀବନ କାଳ ଭିତରେ ନିହାତି ଭାବେ ମହାଭାରତ ପଢିବା ଉଚିତ । କାରଣ ଏଥିରେ ସାଧାରଣ ଜୀବନ ଚର୍ଯ୍ୟା, ଧର୍ମ, ରାଜନୀତି ଭଳି ଅତି ଗୁରତ୍ୱପୂର୍ଣ୍ଣ ବିଷୟ ଗୁଡିକ ଉପରେ ବ୍ୟାଖ୍ୟା କରାଯାଇଛି । ଆଉ ମଧ୍ୟ କୁହାଯାଏ ମହାଭାରତ ହିଁ ଜୀବନ ବଞ୍ଚିବାର ପ୍ରକୃତ ମାର୍ଗ ଶିଖେଇଥାଏ । ଏହାକୁ ପଢିବା ପରେ ଯେଉଁ ଶିକ୍ଷା ଆମକୁ ମିଳିଥାଏ ତାକୁ ନିହାତି ଭାବେ ମନେ ରଖିବା ଉଚିତ ।



ପ୍ରତିଟି ବ୍ୟକ୍ତି ନିଜ ଜୀବନକୁ ଏକ ନିର୍ଦ୍ଦିଷ୍ଟ ଯୋଜନା ମୁତାବକ ହିଁ ବଞ୍ଚିବା ଉଚିତ । ପ୍ରତିଟି କାମ ଯଦି ନିର୍ଦ୍ଦିଷ୍ଟ ଯୋଜନା ଅନୁଯାୟୀ କରାଯାଏ ତେବେ ସଫଳତା ନିଶ୍ଚିତ ଭାବେ ମିଳିଥାଏ । ନଚେତ ଭବିଷ୍ୟତ ଅନ୍ଧକାର ମୟ ହୋଇଥାଏ । ଉଦାହରଣ ସ୍ୱରୂପ ଭଗବାନ କୃଷ୍ଣ ଯଦି ବିନା କୌଣସି ଯୋଜନାରେ ପାଣ୍ଡବ ମାନଙ୍କ ସପକ୍ଷରେ ଲଢ଼ିଥାନ୍ତେ । ତେବେ ହୁଏତ କେବେ ବି ପାଣ୍ଡବ ମାନେ କୌରବଙ୍କ ଉପରେ ବିଜୟ ଲାଭ କରିପାରିନଥାନ୍ତେ । ସେହିପରି ଜୀବନ ବଞ୍ଚିବା ପାଇଁ ଏକ ଭଲ ମିତ୍ରର ଆବଶ୍ୟକତା ରହିଥାଏ । ଯାହା ସାହାଯ୍ୟରେ ଜୀବନ ସୁରୁଖୁରୁରେ ପରିଚାଳିତ ହୋଇପାରେ । ଆପଣ ଯେତେ ଭଲ ହେଲେବି ଆପଣଙ୍କ ସାଥି ଯଦି ଭଲ ନ ରୁହେ ତେବେ ଜୀବନ ଏକ ପ୍ରକାର ବରବାଦ ହୋଇଯାଏ । ଏହା ଏକ ବଳିଷ୍ଠ ଉଦାହରଣ ହେଉଛି ଦୁର୍ଯ୍ୟୋଧନ ଚରିତ୍ର । ଯିଏ କି ନିଜ ମାମୁଁ ଶକୁନି ବୁଦ୍ଧିରେ ପଡି ହିଁ ନିଜ ସର୍ବନାଶକୁ ଡାକି ଆଣିଥିଲେ । ଏହା ବାଦ ଜଣେ ବ୍ୟକ୍ତିର କିଏ ପ୍ରକୃତ ମିତ୍ର ଓ କିଏ ଶତ୍ରୁ ସେ ବିଷୟରେ କିଞ୍ଚିତ ଜ୍ଞାନ ରହିବା ନିହାତି ଆବଶ୍ୟକ ।

# ଘଟୋତ୍କଚର ପୁତ୍ର

ଦ୍ୱାପର ଯୁଗର କଥା । ଭୀମଙ୍କ ପୁତ୍ର ଘଟୋତ୍କଚ ଏବଂ ତା'ର ପୁତ୍ର ମୋର୍ବୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜନ୍ମ ନେଲା । ଏହି ଶିଶୁର କେଶ ଅଣ୍ଡିରା ସିଂହ (ବବର ଶେର୍) ଭଳି ହୋଇଥିବାରୁ



ତା'ର ନାମ 'ବର୍ବରୀକ' ରଖାଗଲା । ସେ ପାଣ୍ଡବଙ୍କ ପକ୍ଷରୁ କୁରୁକ୍ଷେତ୍ର ଯୁଦ୍ଧରେ ଲଢ଼ିବାକୁ ବାହାରିଲା । ଏହି ସମୟରେ ବର୍ବରୀକକୁ ତା'ର ମା' ଡାକିଲେ ଏବଂ କହିଲେ, ପୁତ୍ର ! ତୁମେ ମହାଭାରତ ଯୁଦ୍ଧରେ ସେହି ପକ୍ଷକୁ ସହାୟତା କରିବ, ଯାହାର ପରାଜୟ ଆଶଙ୍କା ଅଧିକ ରହିଥିବ । ମା' ପୁତ୍ରକୁ ୩ଟି ଶର ଦେଲେ । ସେହି ଶର ଅତ୍ୟନ୍ତ ବିଧ୍ୱଂସକାରୀ ଥିଲା । ଯାହା ଏକାଥରରେ ମହାଭାରତ ଯୁଦ୍ଧ ସମାପ୍ତ କରିବାର କ୍ଷମତା ରଖୁଥିଲା । ଏହି କଥା ଭଗବାନ ଶ୍ରୀକୃଷ୍ଣ ଜାଣିନେଲେ । ସେ ବ୍ରାହ୍ମଣ ବେଶରେ ବର୍ବରୀକଙ୍କ ନିକଟକୁ ଗଲେ । ତାଙ୍କୁ ଦାନସ୍ୱରୂପ ତାଙ୍କ ମୁଣ୍ଡ ମାଗିନେଲେ । ବର୍ବରୀକ ସେହି ମୁଣ୍ଡ ତାଙ୍କୁ ଦାନ ଦେଇଦେଲେ । ଏହାପରେ ଶ୍ରୀକୃଷ୍ଣ ନିଜ ସ୍ୱରୂପରେ ଦେଖାଦେଲେ ଏବଂ କହିଲେ, ବର୍ବରୀକ ତୁମେ ଯଦି ମହାଭାରତ ଯୁଦ୍ଧରେ ଭାଗ ନେଇଥାନ୍ତ, ତେବେ ଏହି ଯୁଦ୍ଧର କୌଣସି ମହତ୍ୱ ରହିନଥାନ୍ତା । ତେଣୁ ଏବେ ତୁମେ ଏହି ଯୁଦ୍ଧରେ ଲଢ଼ିପାରିବ ନାହିଁ । ତୁମର ମସ୍ତକ ଏକ ଉଚ୍ଚ ସ୍ଥାନରେ ରହିବ । ଫଳରେ ତୁମେ ସମଗ୍ର ମହାଭାରତ ଯୁଦ୍ଧ ଦେଖିପାରିବ । ତେବେ ମୋତେ ନିଜ ମସ୍ତକ ପ୍ରଦାନ କରିବାର ବଳିଦାନ ଦେଇଥିବାରୁ ତୁମେ କଳିଯୁଗରେ ଭଗବାନ ରୂପେ ପୂଜା ପାଇବ । ମୋର ନାମ 'ଶ୍ୟାମ' ନାମରେ ତୁମେ ପ୍ରସିଦ୍ଧ ହେବ । ଖାଟୁ ନାମକ ସ୍ଥାନରେ ତୁମର ମସ୍ତକ ପୋତାଯିବ । ତୁମେ ଖାଟୁଶ୍ୟାମ ବାବା ନାମରେ ପରିଚିତ ହେବ । ଏହି ସ୍ଥାନ ବର୍ତ୍ତମାନ ରାଜସ୍ଥାନରେ ରହିଛି। ଖାଟୁ ଶ୍ୟାମ ଭଗବାନ ଏବେ ଅନେକ ଭକ୍ତଙ୍କୁ ଆକୃଷ୍ଟ କରିପାରିଛନ୍ତି । ଖାଟୁ ଶ୍ୟାମଜୀ ମନ୍ଦିର ବର୍ତ୍ତମାନ ରାଜସ୍ଥାନର ସୀକର ଜିଲ୍ଲାରେ ରହିଛି । ମନ୍ଦିରଟି ଶ୍ୱେତ ପ୍ରସ୍ତରରେ ନିର୍ମିତ । ମନ୍ଦିରଟି ଅତି ପ୍ରାଚୀନ ବୋଲି ବିଶ୍ୱାସ କରାଯାଏ । ବର୍ତ୍ତମାନ ଖାଟୁ ଶ୍ୟାମଜୀ ସେହି ସ୍ଥାନରେ ପୂଜା ପାଉଛନ୍ତି, ଯେଉଁଠି ବର୍ବରୀକଙ୍କ ମସ୍ତକ ପୋତା ହୋଇଥିଲା । ଏହି ମନ୍ଦିର ଉପରେ ମୋଗଲ ଶାସକ ଆଉରଙ୍ଗଜେବ୍ ୧୬୭୯ରେ ଆକ୍ରମଣ କରିଥିବା ଜଣାଯାଏ । ତେବେ ୧୭୨୦ରେ ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା ।

# ଦୁର୍ଘଟଣାରେ ୩ ମୃତ

**ଭୁବନେଶ୍ୱର,୧୧।୨ (ମହାଭାରତ):** ଆଜି ରାଧାନୀ ଭୁବନେଶ୍ୱରରେ ଦୁଇଟି ପୃଥକ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କର ମର୍ମନ୍ତୁଦ ମୃତ୍ୟୁ ଘଟିଛି। ରାଜଧାନୀରେ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ଏଭଳି ବିପର୍ଯ୍ୟସ୍ତ ହୋଇଛି ଯେ, ପ୍ରାୟ ପ୍ରତି ଦିନ ଟ୍ୱିନି ସିଟିର କେଉଁଠି ନା କେଉଁଠି ସଡ଼କ ଦୁର୍ଘଟଣାରେ ଲୋକଙ୍କ ଜୀବନ ଯାଇଛି। ଗତ କାଲି ବିଳମ୍ବିତ ରାତିରେ ବଡ଼ଗଡ଼ ଥାନା ଅନ୍ତର୍ଗତ ଟଙ୍କପାଣି ସାଇମନ୍ଦିର ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରଙ୍ଗ ରୁଟରେ ଆସୁଥିବା ଏକ ବାଇକକୁ କାର୍ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ହିଁ ତିନିଜଣ ବାଇକ୍ ଆରୋହୀଙ୍କର ପ୍ରାଣହାନି ଘଟିଥିଲା। ତେଣେ କାର୍ ଚାଳକ ଫେରାର ହୋଇଛନ୍ତି। ପୁଲିସ କାର୍ କୁ ଜବତ କରିବା ସହ ମାଲିକଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଛି।

ସେହିପରି ୟୁନିଟ ୪ ଅଞ୍ଚଳରେ ଶାସ୍ତ୍ରୀ ନଗର ଟ୍ରାଫିକ ନିକଟରେ ବିଳମ୍ବିତ ରାତିରେ ଏକ ବିଏମଡବ୍ଲ୍ୟୁ କାର୍ ଦ୍ରୁତ ଗତିରେ ବାଡ଼ ଭାଙ୍ଗି ଘରେ ପଶିଯାଇଥିଲା। କାରଟି ରାସ୍ତାରେ ହୋଇଥିବା ବ୍ୟାରିକେଡ ଭାଙ୍ଗି ଘରେ ପଶିଥିଲା। ସମସ୍ତେ ଶୋଇଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ତେବେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ଏହି ଦୁର୍ଘଟଣାରେ ଗାଡ଼ି ମାଲିକ ମଧ୍ୟ ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ରହିଛି। କାରଟି ପୁରୀରୁ ଜଗତସିଂହପୁର ଅଭିମୁଖେ ଯାଉଥିବା ସୂଚନା ରହିଛି। ତେଣେ ମୃତକମାନଙ୍କ ଶବଗୁଡ଼ିକୁ ବ୍ୟବଚ୍ଛେଦ ଲାଗି ପୁଲିସ କ୍ୟାପିଟାଲ୍ ହସ୍ପିଟାଲକୁ ପଠାଇଛି।

# ରାଜ୍ୟ ମହିଳା ଆୟୋଗର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୧୧।୨ (ମହାଭାରତ):** ରାଜ୍ୟରେ ମହିଳାମାନଙ୍କ ବିକାଶ ଓ ମହିଳାମାନଙ୍କ ଦ୍ୱାରା ବିକାଶକୁ ହାସଲ କରିବା ନିମନ୍ତେ ମହିଳାମାନେ ନିଜ ନ୍ୟାୟିକ ଅଧିକାର ପ୍ରତି ସଚେତନ ହେବା ନିହାତି ଆବଶ୍ୟକ ବୋଲି ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଥିବା ଓଡ଼ିଶା ରାଜ୍ୟ ମହିଳା ଆୟୋଗରେ ୩୨ତମ ପ୍ରତିଷ୍ଠା ଦିବସ ଯୋଗ ଦେଇ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦୃଢ଼ ମତ ରଖିଛନ୍ତି। ଆଜିର ମହିଳା ସମାଜର ବିଭିନ୍ନ କ୍ଷେତ୍ରରେ ନିଜର ଶକ୍ତି ଓ ସାମର୍ଥ୍ୟ ପ୍ରତିପାଦନ କରିଛନ୍ତି। ସେମାନଙ୍କ ଅଧିକାରକୁ ସୁନିଶ୍ଚିତ କରି ନ୍ୟାୟିକ ସୁରକ୍ଷା ପ୍ରଦାନ କରିବା ସରକାରଙ୍କ ସହ ସମାଜର କର୍ତ୍ତବ୍ୟ ହେବା ଉଚିତ। ତୃଣମୂଳସ୍ତରରେ ମହିଳାମାନଙ୍କ ସାମାଜିକ, ଅର୍ଥନୈତିକ ବିକାଶ ସହ ସେମାନଙ୍କ ନ୍ୟାୟିକ ଅଧିକାରକୁ ସୁନିଶ୍ଚିତ କରିବା ଓଡ଼ିଶା ରାଜ୍ୟ ମହିଳା ଆୟୋଗର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀମତୀ ପରିଡା ମତ ପ୍ରକାଶ କରିଛନ୍ତି। ବଢୁଥିବା ବିବାହ ବିଚ୍ଛେଦ ହାରକୁ କମେଇବା ନିମନ୍ତେ ଜାତୀୟ ମହିଳା ଆୟୋଗର ଅଧକ୍ଷ ଶ୍ରୀମତୀ ବିଜୟା



ରାହତକାରଙ୍କ ଉପଦେଶ କ୍ରମେ ଓଡ଼ିଶାରେ ପ୍ରାକ୍ - ବିବାହ ପରାମର୍ଶ କେନ୍ଦ୍ର ଖୋଲାଯିବ ବୋଲି ଶ୍ରୀମତୀ ପରିଡା ଉଲ୍ଲେଖ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଜାତୀୟ ମହିଳା ଆୟୋଗ ଅଧକ୍ଷ ବିଜୟା ରାହତକାର ଯୋଗ ଦେଇ ରାଜ୍ୟ ସରକାରଙ୍କ ମହିଳା କେନ୍ଦ୍ରିତ ଯୋଜନାକୁ ପ୍ରଶଂସା କରିବା ସହ ବାଲ୍ୟ ବିବାହ, ଲିଙ୍ଗଭିତ୍ତିକ ହିଂସା, ସାଇବର୍ ଅପରାଧ, ମାନବ ଚାଲାଣ ଓ କାର୍ଯ୍ୟାଳୟରେ ଯୌନ ନିର୍ଯ୍ୟାତନା ଆଦି ବିଷୟ ଉପରେ ବିଶଦ ଆଲୋଚନା କରିଥିଲେ। ଏହି ସବୁ ସମସ୍ୟାର ନିରାକରଣ ପାଇଁ ନିରନ୍ତର ଜନସଚେତନତାର ଆବଶ୍ୟକତା ରହିଛି। ସେଥିନିମନ୍ତେ ଗାଁ ଗାଁ ରେ ମହିଳା ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ କରାଯାଇ ଏ ସବୁ ପ୍ରସଙ୍ଗ ଉପରେ ଚର୍ଚ୍ଚା ଓ ଆଲୋଚନାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଲିଙ୍ଗଗତ ସମାନତା ଓ ମହିଳା ସଶକ୍ତିକରଣ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ସେ ମତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଉପସ୍ଥିତ ରହି ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଆୟୋଗ ତରଫରୁ ମହିଳା ଆଇନ ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ପାଇଁ ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଚଳିତ ମାସ ୧୧, ୧୨, ୧୩ ତିନି ଦିନ ବ୍ୟାପୀ ଆୟୋଜନ କରାଯାଉଛି ବୋଲି ସେ ସୂଚନା ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନିଶା ବାନାର୍ଜୀଙ୍କ ସହ ମହିଳା ଓ ଶିଶୁ ବିକାଶ ବିଭାଗ ଓ ରାଜ୍ୟ ମହିଳା ଆୟୋଗର ଅଧିକାରୀବୃନ୍ଦ ମାନେ ଉପସ୍ଥିତ ଥିଲେ। ଏହା ସହ ମହିଳା ଓ ଶିଶୁ ବିଭାଗର କ୍ଷେତ୍ରସ୍ତରୀୟ କର୍ମଚାରୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ,, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଯୁବ ନେତୃବର୍ଗ, ସ୍ୱୟଂ ସହାୟକ ଗୋଷ୍ଠୀ ଫେଡେରେଶନ ଆଦି ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ବ୍ୟକ୍ତିଙ୍କ ସୁଗମ୍ୟତା ବୈଶିଷ୍ଟ୍ୟ ବିଷୟରେ ଆଇନ ସଚେତନତା

**ଭୁବନେଶ୍ୱର,୧୧।୨ (ମହାଭାରତ):** ଭାରତ ସରକାରଙ୍କ ଭିନ୍ନକ୍ଷମ ବ୍ୟକ୍ତି ସଶକ୍ତିକରଣ ବିଭାଗ (ଦିବ୍ୟାଙ୍ଗଜନ)ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟରୁ ପ୍ରାପ୍ତ ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟ ଭିନ୍ନକ୍ଷମ ବ୍ୟକ୍ତି କମିଶନର, ଓଡ଼ିଶାର ସଦୟ ସହଯୋଗରେ ୭.୨.୨୦୨୫ରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ସିନେମା ଘର, ହସ୍ପିଟାଲ, ବଡ଼ ବ୍ୟବସାୟ ପ୍ରତିଷ୍ଠାନ, ପାର୍କ ଏବଂ ଜିଲ୍ଲା ମୁଖ୍ୟାଳୟର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସୁଗମ୍ୟ ଯାତ୍ରା (ଏହାପରେ ସଂକ୍ଷେପରେ ଯାତ୍ରା) ଆୟୋଜନ କରିବାକୁ ପଦକ୍ଷେପ ନେଇଛନ୍ତି। ଏହି ଯାତ୍ରାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ହେଉଛି। ଏପରି କୋଠା/ସ୍ଥାନରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସୁଗମ୍ୟତା ବୈଶିଷ୍ଟ୍ୟ ବିଷୟରେ ଆଇନ, ୨୦୧୬ରେ ହୋଇଥିବା ବ୍ୟବସ୍ଥା ବିଷୟରେ ଜନସଚେତନତା ବୃଦ୍ଧି କରିବା ଏବଂ ପରବର୍ତ୍ତୀ ସମୟରେ ଏ ସମ୍ପର୍କରେ ଯଦି କୌଣସି ଅଭାବ ଥାଏ, ତେବେ ତାହା ପୂରଣ କରିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉପଯୁକ୍ତ ପ୍ରତିକାରମୂଳକ ପଦକ୍ଷେପ ନେବା। ପ୍ରତ୍ୟେକ ଜିଲ୍ଲାରେ ପ୍ରାରମ୍ଭିକ




ଭାବରେ ଦୁଇ ଦିନ ପାଇଁ ଯାତ୍ରା ଯୋଜନା କରାଯାଇଛି। ଜିଲ୍ଲା ମୁଖ୍ୟାଳୟର କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ କଭର କରିବା ପାଇଁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ନେତୃତ୍ୱରେ ହାରାହାରି ୨-୩ଟି ଦଳ ଗଠନ କରାଯାଇଛି। ସମଗ୍ର ରାଜ୍ୟରେ ପ୍ରାୟ ୭୦ଟି ଦଳ ଗଠନ କରାଯାଇଛି ଏବଂ ଯାତ୍ରା ପରିଚାଳନା ପାଇଁ ଯାନବାହାନ ଏବଂ ଅନ୍ୟାନ୍ୟ ଜିନିଷ ଯୋଗାଇ ଦିଆଯାଉଛି ଯାତ୍ରାକୁ ସକାରାତ୍ମକ ଏବଂ ଫଳପ୍ରଦ ଭାବରେ ପରିଚାଳନା କରିବା ପାଇଁ ଦଳର ସଦସ୍ୟମାନଙ୍କୁ ଆବଶ୍ୟକୀୟ ତାଲିମ ଦିଆଯାଇଛି। ଏହି ଯାତ୍ରାକୁ ଭୁବନେଶ୍ୱରର ତୋଷାଳି ଭବନ କାର୍ଯ୍ୟାଳୟରୁ ସାମାଜିକ ସୁରକ୍ଷା ଏବଂ ଦିବ୍ୟାଙ୍ଗମାନଙ୍କ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଜ୍ୟ ମୁଖ୍ୟାଳୟ ଭୁବନେଶ୍ୱରରେ , ଖୋର୍ଦ୍ଧାର ନେତୃତ୍ୱରେ ପ୍ରତି ଦଳରେ ୫-୬ ଜଣ (ଅତି କମରେ ଜଣେ ନିର୍ଦ୍ଦିଷ୍ଟ ଅକ୍ଷମତା ଥିବା ବ୍ୟକ୍ତି ସମେତ)ଙ୍କୁ ନେଇ ତିନୋଟି ଦଳ ଗଠନ କରାଯାଇଛି, ଯେଉଁଠାରେ ଦିବ୍ୟାଙ୍ଗମାନଙ୍କ ପାଇଁ ପ୍ରବେଶଯୋଗ୍ୟତା ବିଷୟରେ ଜ୍ଞାନ ଅଛି ଏହି ଉଦ୍ଦେଶ୍ୟରେ ସରକାରୀ କାର୍ଯ୍ୟାଳୟ ଏବଂ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ସ୍ଥାନଗୁଡ଼ିକୁ କଭର କରିବା ଏବଂ ଏହି ଉଦ୍ଦେଶ୍ୟରେ ଡିଜାଇନ୍ କରାଯାଇଥିବା ନିର୍ଦ୍ଦିଷ୍ଟ ଆପ୍‌ରେ ସ୍ଥାନଗୁଡ଼ିକର ଫଟୋ ଉଠାଇବା ପାଇଁ ଏହି ଦଳ ଗଠନ କରାଯାଇଛି। ଶ୍ରୀମତୀ ବ୍ରତତୀ ହରିଚନ୍ଦନ, ଓଡ଼ିଶା, ଡକ୍ଟର ପି.ପି. ମହାନ୍ତି, ନିର୍ଦ୍ଦେଶକ, ଶ୍ରୀମତୀ ଆର. ଜାନି, ଅତିରିକ୍ତ ସଚିବ ଏବଂ ସନ୍ୟାସୀ ବେହେରା, ଉପ-ସଚିବ, ବିଭାଗ, ଓଡ଼ିଶା ସରକାର,ହେଲ୍ପ-ଡେସ୍କ ସଦସ୍ୟ, ମମତା ସିଂହ, ରାଜ୍ୟ ପ୍ରକଳ୍ପ ପରିଚାଳିକା ଏବଂ ସେଣ୍ଟର ଫର୍ ଆଡଭୋକେସି ଆଣ୍ଡ୍ ରିସର୍ଚ୍ଚର ଦଳର ସଦସ୍ୟ ଏବଂ କିଛି ପିଡବ୍ଲୁଡି କର୍ମଚାରୀ ଉପସ୍ଥିତ ଥିଲେ ଏବଂ ମିଳିତ ଭାବରେ ପ୍ରକ୍ରିୟାକୁ ସହଜ କରିଥିଲେ।

# ରାଜଧାନୀରେ ଟ୍ରାଫିକ୍ କଟକଣା

**ଭୁବନେଶ୍ୱର,୧୧।୨ (ମହାଭାରତ):** ଆଉ ଗୋଟିଏ ଦିନ ପରେ ଅର୍ଥାତ ୧୩ ତାରିଖରୁ ଆରମ୍ଭ ହେଉଛି ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ। ଦୁଇଟି ପର୍ଯ୍ୟାୟରେ ଏହି ଅଧିବେଶନ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନରେ ମୋଟ ୨୮ ଟି କାର୍ଯ୍ୟଦିବସ ଥିବାବେଳେ ଫେବୃଆରୀ ୧୭ତାରିଖରେ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ହେବ।

ଫେବୃଆରୀ ୧୩ରୁ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ ବଜେଟ୍ ଅଧିବେଶନ। ଫେବୃଆରୀ ୧୭ରେ ଆସିବ ରାଜ୍ୟ ବଜେଟ। ୨୦୨୫-୨୦୨୬ ବର୍ଷ ପାଇଁ ବଜେଟ ଆଗତ କରିବେ ମୁଖ୍ୟମନ୍ତ୍ରୀ। ଏହାପରେ ଫେବୃଆରୀ ୨୨ରୁ ମାର୍ଚ୍ଚ ୬ ପର୍ଯ୍ୟନ୍ତ ବନ୍ଦ ରହିବ ଅଧିବେଶନ। ପୁଣି ମାର୍ଚ୍ଚ ୭ରୁ ଏପ୍ରିଲ ୫ଯାଏ ଚାଲିବ ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ।

ଏହି ଅଧିବେଶନ ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୩ ଥାକିଆ ସୁରକ୍ଷା ବଳୟ ସହ ବିଧାନସଭା ଓ ଆଖପାଖ ଅଞ୍ଚଳକୁ ପୁଲିସ ଛାଉଣି କରାଯିବ। ବିଧାନସଭା ଚାରିପଟେ ସଶସ୍ତ୍ର ସୁରକ୍ଷା ବାହିନୀ ଅହୋରାତ୍ର ଜଗିବେ। ବିଧାନସଭା ଛାତ ଉପରେ ରୁଫ-ଟପ ପୁଲିସ ରହିବେ। ପ୍ରବେଶ ପଥରେ ଚେକପୋଷ୍ଟ କରାଯିବା ସହିତ ବିଧାନସଭାକୁ ସଂଯୋଗ କରୁଥିବା ରୁଟକୁ ଡାଇଭର୍ଟ କରାଯିବ।

ବଜେଟ୍ ଅଧିବେଶନ ପାଇଁ ବିଧାନସଭା ମାର୍ଗରେ କମିସନରେଟ ପୁଲିସ ପକ୍ଷରୁ ଟ୍ରାଫିକ୍ କଟକଣା ଜାରି କରାଯାଇଛି। ଉକ୍ତ ସଂଲଗ୍ନ ରାସ୍ତାରେ ସର୍ବସାଧାରଣଙ୍କ ଯାତାୟାତ ଉପରେ କଟକଣା ଜାରି କରିଛି। ସେହିପରି ଜୟଦେବ ଭବନ ଠାରୁ ରବୀନ୍ଦ୍ର ମଣ୍ଡପ ଛକ, ରବୀନ୍ଦ୍ର ମଣ୍ଡପ ଛକ ଠାରୁ ୧୨୦ ବାଟାଲିୟନ ଛକ ଯାଏଁ ଲୋକଙ୍କ ଗମନାଗମନ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଉକ୍ତ ରାସ୍ତାରେ ଅନୁମତି ନ ଥିବା ଲୋକେ ଯେପରି ଭିତରେ ପ୍ରବେଶ ନ କରିବେ ସେଥିପାଇଁ ପଏଣ୍ଟ କରାଯାଇଛି। କେବଳ ଲୋକସେବା ଭବନ ଓ ବିଧାନସଭା କର୍ମଚାରୀଙ୍କ ସହ ଅନୁମତି ଥିବା କର୍ମଚାରୀ ପରିଚୟପତ୍ର ଦେଖାଇ ଯାତାୟାତ କରିପାରିବେ। ସେଭଳି ପୁଲିସ, ଆମ୍ବୁଲାନ୍ସ, ଅଗ୍ନିଶମ ଏବଂ ବିଧାନସଭା, ରାଜ୍ୟ ସଚିବାଳୟ ଏବଂ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ଯାଉଥିବା ଅଧିକୃତ ଗାଡ଼ି ପାଇଁ ଏହି କଟକଣା ଲାଗୁ ହେବ ନାହିଁ ବୋଲି କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି।

# ନାବାଳିକାଙ୍କୁ ଗଣଦୁଷ୍କର୍ମ : ୪ ଗିରଫ

**ଭୁବନେଶ୍ୱର,୧୧।୨ (ମହାଭାରତ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ସଦରମହକୁମାର ଓଡ଼ିଆପେଣ୍ଠ ଗ୍ରାମପଞ୍ଚାୟତର ବିରିଗୁଡା ଗାଁରେ ଏକ ଅଭାବନୀୟ ଘଟଣାଥିଲା। ଶନିବାର ରାତ୍ରିରେ ବିରିଗୁଡା ଗାଁରେ ଚାଲିଥିଲା ବୁଢୀ ଠାକୁରାଣୀ ଯାତ୍ରା। ଏହି ଅବସରରେ ଗାଁରେ ନାଟକ ମଞ୍ଚସ୍ଥ କରାଯାଇଥିଲା। ନାଟକ ଦେଖିବା ସକାଶେ ଆଖପାଖ ଗାଁର ହଜାର ହାଜର ଲୋକଙ୍କ ସମାଗମ ହୋଇଥିଲା। ବିଳମ୍ବିତ ରାତ୍ରିରେ ନାଟକ ଚାଲିଥିବା ବେଳେ ପରଡ଼ି ଗୁଡା ଗାଁର ଜଣେ ନାବାଳିକା ଝିଅ ନିଜ ସାଙ୍ଗଙ୍କ ସହ ନାଟକ ମଞ୍ଚସ୍ଥ ହେଉଥିବା ସ୍ଥାନରୁ ଅଳ୍ପ ଦୂରରେ ଯାଇ କଥା ହେଉଥିଲା। ନାବାଳିକା ଝିଅ କଥା ହେଉଥିବା ସମୟରେ ୪ ଜଣ ଯୁବକ ସାଙ୍ଗଙ୍କୁ ଅତର୍କିତ ଆକ୍ରମଣ କରି ଝିଅକୁ ପାହାଡ଼ ଉପରକୁ ନେଇ ଗଣ ଦୁଷ୍କର୍ମ କରିଥିବା ନେଇ ଲକ୍ଷ୍ମୀପୁର ଥାନାରେ ଅଭିଯୋଗ କରାଯାଇଥିଲା।

ଏପରି ସମ୍ବେଦନଶୀଳ ଘଟଣା କୋରାପୁଟ ଏସପି ରୋହିତ ବର୍ମାଙ୍କଦୃଷ୍ଟିଗୋଚର ହେବା ପରେ କୋରାପୁଟର ଅତିରିକ୍ତ ଏସପି ମନୋଜ ପୂଜାରୀଙ୍କ ସହ ଲକ୍ଷ୍ମୀପୁର ଆଇଆଇସି ସୁଜ୍ଞାନୀ ସାହୁ ଓ କାକିରିଗୁମା ଆଇଆଇସି ଡ଼ିଡ଼ି ବାତ୍ରିଆଙ୍କୁ ତୁରନ୍ତ ଘଟଣାର ତଦନ୍ତ ସହ ଯୁବକମାନଙ୍କୁ ଚିହ୍ନଟ କରିବା ସକାଶେ ନିର୍ଦ୍ଦେଶ ଦେଇଥିଲେ। ସନ୍ଧ୍ୟା ସମୟରେ ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ପୁଲିସ ୪ଜଣ ଯୁବକଙ୍କୁ ଅଟକ ରଖି ତଦନ୍ତ ଜାରି ରଖା ଯାଇଥିବା ପୁଲିସ ସୂଚନା ଦେଇଛି।

ଏପରି ସମ୍ବେଦନଶୀଳ ଘଟଣା କୋରାପୁଟ ଏସପି ରୋହିତ ବର୍ମାଙ୍କ ଦୃଷ୍ଟିଗୋଚର ହେବା ପରେ କୋରାପୁଟର ଅତିରିକ୍ତ ଏସପି ମନୋଜ ପୂଜାରୀଙ୍କ ସହ ଲକ୍ଷ୍ମୀପୁର ଆଇଆଇସି ସୁଜ୍ଞାନୀ ସାହୁ ଓ କାକିରିଗୁମା ଆଇଆଇସି ଡ଼ିଡ଼ି ବାତ୍ରିଆଙ୍କୁ ତୁରନ୍ତ ଘଟଣାର ତଦନ୍ତ ସହ ଯୁବକମାନଙ୍କୁ ଚିହ୍ନଟ କରିବା ସକାଶେ ନିର୍ଦ୍ଦେଶ ଦେଇଥିଲେ। ସନ୍ଧ୍ୟା ସମୟରେ ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ପୁଲିସ ୪ଜଣ ଯୁବକଙ୍କୁ ଅଟକ ରଖି ତଦନ୍ତ ଜାରି ରଖା ଯାଇଥିବା ପୁଲିସ ସୂଚନା ଦେଇଛି। ପୁଲିସ ୪ଜଣଙ୍କୁ ଉଠାଇ ଆଣିବା ପରେ ଥାନା ସମ୍ମୁଖରେ ପ୍ରବଳ ଗହଳି ଲାଗିରହିଥିଲା।

# ପିଏମ୍ ସୂର୍ଯ୍ୟଘର ଯୋଜନାରେ ୧୪୩୩ ହିତାଧିକାରୀ

**ଭୁବନେଶ୍ୱର,୧୧।୨ (ମହାଭାରତ):** ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁକ୍ତ ବିଜୁଳି ଯୋଜନାର ବ୍ୟାପକ ପ୍ରଚାର ପ୍ରସାର ସତ୍ତ୍ୱେ ଓଡିଶାରେ ବର୍ତ୍ତମାନ ସୁଦ୍ଧା ମାତ୍ର ୧୪୩୩ ଜଣ ଏହି ଯୋଜନାରେ ନିଜ ଘରର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରିଛନ୍ତି। ଓଡିଶାରେ ଏହି ଯୋଜନାର କାର୍ଯ୍ୟକାରିତା ନେଇ ସଂସଦରେ ନୂତନ ଏବଂ ଅକ୍ଷୟଶକ୍ତି ଏବଂ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟଶୋ ନାଏକ ରାଜ୍ୟସଭାରେ ଦେଇଥିବା ଉତ୍ତରରୁ ଏହା ଜଣାପଡିଛି।

ବିଜେଡି ସାଂସଦ ନିରଞ୍ଜନ ବିଶିଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଚଳିତ ବର୍ଷ ଜାନୁଆରୀ ୨୪ ତାରିଖ ସୁଦ୍ଧା ରାଜ୍ୟରେ ମାତ୍ର ୧୪୩୩ ଜଣ ଏହି ଯୋଜନାରେ ନିଜ ଘରର ଛାତ ଉପରେ ସୌର ପ୍ୟାନେଲ ଖଞ୍ଜିଛନ୍ତି। ତେବେ ଏହି ତାଲିକାରେ କନ୍ଧମାଳ ଜିଲ୍ଲାରେ ମାତ୍ର ଜଣେ ହିତାଧିକାରୀ ଅଛନ୍ତି। ରାୟଗଡା ଜିଲ୍ଲାରେ ୨ଜଣ ହିତାଧିକାରୀ ଘର ଉପରେ ସୌରଶକ୍ତି ପ୍ରକଳ୍ପ ବସାଇଥିବା ବେଳେ ଜଗତ୍‌ସିଂହପୁର ଓ ବୌଦ୍ଧରେ ୩ଜଣ କରି ଏବଂ ଦେବଗଡ ଜିଲ୍ଲାରେ ୪ଜଣ ହିତାଧିକାରୀ ରହିଛନ୍ତି।

ସବୁଠାରୁ ଅଧିକ ୬୨୮ ଜଣ ହିତାଧିକାରୀ ଖୋରଧା ଜିଲ୍ଲାରେ ଥିବାବେଳେକଟକରେ ୧୧୩, ଗଞ୍ଜାମରେ ୧୧୦, ସୁନ୍ଦରଗଡରେ ୧୦୨ ଜଣ ହିତାଧିକାରୀ ଅଛନ୍ତି। ସମ୍ବଲପୁରରେ ୫୩ଜଣ ଓ ବଲାଙ୍ଗିରରେ ୬୩ଜଣ ଅଧିକାରୀ ରହିଛନ୍ତି।

ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ଦେଶର ପ୍ରତି ଜିଲ୍ଲାରେ ଗୋଟିଏ ମଡେଲ ସୌର ଗ୍ରାମ ପ୍ରତିଷ୍ଠା ହେବ। ଏହାକୁ ଏକ ଆହ୍ୱାନ ଭାବେ ନେଇ କାର୍ଯ୍ୟ କରିବାକୁ ଗତବର୍ଷ ଅଗଷ୍ଟ ମାସରେ ମନ୍ତ୍ରାଳୟ ପକ୍ଷରୁ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଛି। ତେବେ ଓଡିଶା ବିଦ୍ୟୁ ନିୟାମକ ଆୟୋଗର ନିର୍ଦ୍ଦେଶାବଳୀ ଅନୁଯାୟୀ ହିତାଧିକାରୀ ମାନେ ସେମାନଙ୍କର ବଳିକା ସୌରଶକ୍ତିକୁ ବିଦ୍ୟୁତ ବଣ୍ଟନକାରୀ କମ୍ପାନୀକୁ ବିକ୍ରି କରିବାର କୌଣସି ବ୍ୟବସ୍ଥା ନାହିଁ । ଏହି ସୌରଶକ୍ତିକୁ ଗ୍ରିଡ଼କୁ ପ୍ରଦାନ କରାଯିବ ଏ ବାବଦୀୟ ଅର୍ଥ ହିତାଧିକାରୀଙ୍କ ନିୟମିତ ବିଜୁଳି ବିଲ୍‌ରେ ଆଡଜଷ୍ଟ ହେବ।

ତେବେ ସୌରଶକ୍ତି ଉପରେ ସଂସଦରେ ଅନ୍ୟଏକ ପ୍ରଶ୍ନର ଉ ରରେ ମନ୍ତ୍ରୀ କହିଛନ୍ତି ଯେ ୨୦୨୬-୨୭ ବର୍ଷରେ ଦେଶର ଏକ କୋଟି ଘରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନର ଲକ୍ଷ୍ୟ ରଖାଯାଇଛି। ଏ ବାବଦରେ କେନ୍ଦ୍ର ସରକାର ୭୫ହଜାର କୋଟି ଟଙ୍କା ବ୍ୟୟ କରିବେ ଏବଂ ସେହିସବୁ ହିତାଧିକାରୀମାନେ ଆଗାମୀ ୨୫ବର୍ଷ ପର୍ଯ୍ୟନ୍ତ ଏହି ପ୍ରକଳ୍ପରୁ ବିଜୁଳି ପାଇପାରିବେ।

ବର୍ତ୍ତମାନ ସୁଦ୍ଧା ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରିଥିବା ହିତାଧିକାରୀଙ୍କ ସଂଖ୍ୟା ଆନ୍ଧ୍ରପ୍ରଦେଶରେ ସର୍ବାଧିକ ରହିଛି। ଏହି ରାଜ୍ୟରେ ୧୦ହଜାରରୁ ଅଧିକ ହିତାଧିକାରୀ ଏହା ସ୍ଥାପନ କରିଥିବାବେଳେ ପଡୋଶୀ ପଶ୍ଚିମବଙ୍ଗରେ ଏହି ସଂଖ୍ୟା ୩୭୦ ଏବଂ ଝାଡଖଣ୍ଡରେ ୧୫୨ ରହିଛି। ତେବେ ଛତିଶଗଡରେ ପାଖାପାଖି ୧୭ଶହ ହିତାଧିକାରୀ ଏହି ଯୋଜନାରୁ ଲାଭ ଉଠାଇ ନିଜ ଘରର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରିଥିବା ଜଣାଯାଇଛି। ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ସମଗ୍ର ଦେଶରେ ୮ଲକ୍ଷ ୪୬ହଜାରରୁ ଅଧିକ ଉପଭୋକ୍ତା ରହିଥିବା କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତରରୁ ଜଣାପଡିଛି।

# ବାଲିପାଟଣାରେ ଅଭିଯୋଗ ଶୁଣାଣି ଶିବିର

**ଭୁବନେଶ୍ୱର,୧୧।୨ (ମହାଭାରତ):** ବାଲିପାଟଣା ବ୍ଲକ ଅନ୍ତର୍ଗତ ଭାକର ସାହି ଗ୍ରାମ ପଞ୍ଚାୟତ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଞ୍ଚଳ ରାଣା ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି। ମିଳିତ ଜନ ଅଭିଯୋଗ ପ୍ରକୋଷ୍ଠରୁ ପଠାଯାଉଥିବା ଅଭିଯୋଗ ଦରଖାସ୍ତ ଗୁଡ଼ିକ ଉପରେ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ଗ୍ରହଣ କରି ତୁରନ୍ତ ସମାଧାନ ସହ ଜିଲ୍ଲା ପ୍ରଶାସନକୁ ଜଣାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଆଜିର ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୯୬ ଗୋଟି ଦରଖାସ୍ତ ଆସିଥିବା ବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୭୪ ଓ ଗ୍ରାମ ସମସ୍ୟା ଜନିତ ୧୫ ଗୋଟି ଅଭିଯୋଗ ଥିଲା। ଅଭିଯୋଗ ପ୍ରକୋଷ୍ଠରେ ୬ ଗୋଟି ଅଭିଯୋଗ ର ତ୍ୱରିତ ଶୁଣାଣି କରି ସମାଧାନ କରାଯାଇଥିଲା। ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ୨ ଜଣ ଦିବ୍ୟାଙ୍ଗ ଦୁଃଶାସନ ସାହୁ, ବାକ ସାହି ଏବଂ ବାବାଜି ସାହୁ, ଅମଣା କୁଦ ଙ୍କୁ ଜିଲ୍ଲାପାଳ ଆଶା ବାଡ଼ି ପ୍ରଦାନ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ପରାମର୍ଶ ଦେବାସହ ଅନ୍ୟ ଏକଜଣ ଅଭିଯୋଗକାରିଙ୍କୁ ସି ଏମ ଆର ଏଫ ରିଲିଫ ପାଣ୍ଠିରୁ ୫୦୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ଜିଲ୍ଲା ପ୍ରଶାସନର ଆଜିର ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର ରୁଦ୍ର ନାରାୟଣ ମହାନ୍ତି , ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ,ଖୋର୍ଦ୍ଧା ଶ୍ରୀ ଜ୍ୟୋତି ଶଙ୍କର ସାହୁ,ଉପଜିଲାପାଳ, ଭୁବନେଶ୍ୱର ଡ଼.ମନୋରଞ୍ଜନ ସାହୁ, ଅତିରିକ୍ତ ଡ଼ି ସି ପି ଭୁବନେଶ୍ୱର ତଥା ଏ ସି ପି ଜୋନ -୧ ଶ୍ରୀ ସୁନାରାମ ହେମ୍ବ୍ରମ ,ବି ଡିଓ,ବାଲିପାଟଣା ଶ୍ରୁତି ପ୍ରଜ୍ଞା ଭଞ୍ଜ,,ତହସିଲଦାର, କଳ୍ପନା ଦାସ , ଡେପୁଟି କଲେକ୍ଟର, ଜରୁରୀ, ଶ୍ରୀତପା ମିଶ୍ର,ସହକାରୀ ଜିଲ୍ଲାପାଳ, ଅଭିଯୋଗ ଭୁବନେଶ୍ୱରୀ କଅଁର,ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଅଧିକାରୀ ଏବଂ ଯନ୍ତ୍ରୀ ମାନେ ଯୋଗଦେଇ ଥିଲେ।

ଆଜିର ଅଭିଯୋଗ ପ୍ରକୋଷ୍ଠକୁ ସାମାଜିକ ସୁରକ୍ଷା ଓ ନିରାପତ୍ତା, ଶିକ୍ଷା, ଜିଲ୍ଲାନିବନ୍ଧକ, ସମବାୟ ସମିତି, ଜରୁରୀ ବିଭାଗ, ଜିଲ୍ଲା ସମାଜ କଲ୍ୟାଣ ବିଭାଗ, କୃଷି, କର୍ମ ନିଯୋଜନ, ଶ୍ରମ ବିଭାଗ,ଶିଶୁ ସୁରକ୍ଷା ବିଭାଗ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ସ୍ୱାସ୍ଥ୍ୟ ବିଭାଗ ସେବା ଜନିତ ଦରଖାସ୍ତ ଗୁଡିକ ମୁଖ୍ୟତ ଥିଲା। ପରେ ଜିଲ୍ଲାପାଳ ଶ୍ରୀ ଚଞ୍ଚଳ ରାଣା ପଂଚାୟତ କାର୍ଯ୍ୟାଳୟ ପରିସରରେ ଦିନ ଦୟାଲଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ଏସ ଏଚ ଜି ହସ୍ତକଳା ଶିଳ୍ପ, ସ୍ୱାସ୍ଥ୍ୟ, ମନରେଗା, ସୁଭଦ୍ରା, ସୁପୋଷିତ ଭାରତ, ସ୍ୱାକ୍ଷର ଭାରତ, ସଶକ୍ତ ଭାରତ, ପ୍ରକଳ୍ପ ସ୍ତରୀୟ ପୋଷଣ ମାସ ପାଳନ,ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା,ଏକ ଦିବସୀୟ ମଣ୍ଡଳ ସ୍ତରୀୟ ଓଜନ ଓ ଉଚ୍ଚତା ନିରୀକ୍ଷଣ ତାଲିମ କାର୍ଯ୍ୟକ୍ରମ ଆଦି ଯୋଜନା ଷ୍ଟଲ ଗୁଡିକୁ ବୁଲି ଦେଖିଥିଲେ।

# ପ୍ରତିଷ୍ଠା ହେବ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଅପରେସନ କେନ୍ଦ୍ର

**ଭୁବନେଶ୍ୱର,୧୧।୨ (ମହାଭାରତ):** ରାଜ୍ୟରେ ଜନସ୍ୱାସ୍ଥ୍ୟକୁ ଅଧିକ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଆଜି ଲୋକସଭା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ 'ଏକ ସ୍ୱାସ୍ଥ୍ୟ' କାର୍ଯ୍ୟକ୍ରମର ଷ୍ଟେଟ ଆକ୍ସନ ପ୍ଲାନ ଏବଂ ଆଇଡିଏସପି-ଆଇଏଚ୍‌ଆଇପିର ବାର୍ଷିକ ରିପୋର୍ଟର ଉନ୍ମୋଚନ କରିଛନ୍ତି। 'ଏକ ସ୍ୱାସ୍ଥ୍ୟ' କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାରେ ଏକ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଅପରେସନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଭାରତ ସରକାରଙ୍କ ସହ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର ମଧ୍ୟ ଆଜି ଉନ୍ମୋଚିତ ହୋଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ସମ୍ଭାବ୍ୟ ଜରୁରୀକାଳୀନ ଜନସ୍ୱାସ୍ଥ୍ୟ ପରିସ୍ଥିତି ପାଇଁ ପ୍ରାକ ପ୍ରସ୍ତୁତି ଓ ପ୍ରତିକ୍ରିୟା କ୍ଷମତାକୁ ବୃଦ୍ଧି କରିବା ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ଃ ମହାଲିଙ୍ଗ ପ୍ରକାଶ କରିଛନ୍ତି ।

'ଏକ ସ୍ୱାସ୍ଥ୍ୟ'ର ଷ୍ଟେଟ ଆକ୍ସନ ପ୍ଲାନରେ ମାନବ ସ୍ୱାସ୍ଥ୍ୟ, ପଶୁ ସ୍ୱାସ୍ଥ୍ୟ ଏବଂ ପରିବେଶ ସ୍ୱାସ୍ଥ୍ୟର ସମନ୍ୱିତ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରାଯାଇଛି। ଆଇଡିଏସପି-ଆଇଏଚ୍‌ଆଇପିର ବାର୍ଷିକ ରିପୋର୍ଟ - ୨୦୨୪ ରେ ବିଗତ ବର୍ଷର ସମନ୍ୱିତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ ଏବଂ ସମନ୍ୱିତ ସ୍ୱାସ୍ଥ୍ୟ ସୂଚନା ପ୍ଲାଟଫର୍ମର ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି। ଏଥିରେ ପ୍ରମୁଖ ସଫଳତା ଓ ସୁପାରିସ ପ୍ରକାଶ ପାଇଛି।

୨୦୨୪ ବର୍ଷ ପାଇଁ ଆଇଏଚ୍‌ଆଇପି ପ୍ରଦର୍ଶନରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିଛି। ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ଃ ମହାଲିଙ୍ଗ ରାଜ୍ୟର ସମସ୍ତ ଜିଲ୍ଲାର ସ୍ୱାସ୍ଥ୍ୟ ପ୍ରଶାସନଙ୍କ ନିରବଚ୍ଛିନ୍ନ ପ୍ରୟାସ ଏବଂ କଠିନ ପରିଶ୍ରମ ଯୋଗୁଁ ଓଡିଶା ଏହି ଉପଲବ୍ଧି ପାଇପାରିଛି ବୋଲି କହିବା ସହ ସମସ୍ତଙ୍କର ଉଚ୍ଚ ପ୍ରଶଂସା କରିଥିଲେ।

# ସହରାଞ୍ଚଳ ପ୍ରକଳ୍ପର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କର

**ଭୁବନେଶ୍ୱର,୧୧।୨ (ମହାଭାରତ):** 'ବିକଶିତ ଓଡ଼ିଶା ୨୦୩୬' ଦୃଷ୍ଟିକୋଣ ଅନୁଯାୟୀ ସ୍ମାର୍ଟ ଏବଂ ସ୍ଥାୟୀ ସହର ବିକାଶ ପାଇଁ ଓଡ଼ିଶା ସରକାର ତାଙ୍କର ପ୍ରତିବଦ୍ଧତାରେ ଅଟଳ। ଏହି କରାଯାଇଥିଲା। ରାଜ୍ୟର ସ୍ଥାୟୀ ସହରୀକରଣ ଦୃଷ୍ଟିକୋଣରେ ଯୋଗଦାନ କରୁଥିବା ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସେମାନଙ୍କର କ୍ଷମତା ବୃଦ୍ଧି କରିବା ପାଇଁ ରଣନୀତି ଉପରେ ଆଲୋଚନା କରାଯାଇଥିଲା। ବରିଷ୍ଠ ଚୟନ ଏବଂ କାର୍ଯ୍ୟକାରୀ କରିବାର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା।

ଓଡ଼ିଶା ସରକାର 'ବିକଶିତ ଓଡ଼ିଶା୨୦୩୬' ଦୃଷ୍ଟିକୋଣ ପ୍ରତି ସମର୍ପିତ, ରଣନୈତିକ ଯୋଜନା, ସଶକ୍ତ



ଉଦ୍ଦେଶ୍ୟ ସହିତ ସମନ୍ୱୟ ରଖି,ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ଆଜି ୨୧ତମ ଡ୍ୟାସବୋର୍ଡ ବୈଠକରେ ଅଧ୍ୟକ୍ଷତା କରିଥିଲେ ଯାହା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରଭାବଶାଳୀ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ପୌରାଞ୍ଚଳ ସଂସ୍ଥା ଗୁଡିକୁ ସଶକ୍ତ କରିବା ଉପରେ ଧ୍ୟାନ ଦେଇଥାଏ। ବୈଠକରେ ସହରାଞ୍ଚଳ ବିକାଶ ପ୍ରକଳ୍ପ ଚଳାଇବାରେ ୟୁଏଲବିଏସର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ୟୁଏଲ୍‌ବି ଗୁଡିକ ନିୟମିତ ସାପ୍ତାହିକ ପ୍ରଗତି ଅପଡେଟ୍ ପ୍ରଦାନ କରିବାକୁ ସୁନିଶ୍ଚିତ କରାନ୍ତୁ। ଏହି ନିର୍ଦ୍ଦେଶନାମା ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଗତି ଏବଂ ଉତ୍ତରଦାୟିତ୍ୱ ବଜାୟ ରଖିବା, ନିର୍ଦ୍ଧାରିତ ସମୟସୀମା ପାଳନ ସୁନିଶ୍ଚିତ କରିବା ଲକ୍ଷ୍ୟ ରଖିଛି।

ବୈଠକରେ ସହରାଞ୍ଚଳ ଜୀବନଶୈଳୀ, ଭିତ୍ତିଭୂମି ଏବଂ ସ୍ଥାୟୀତ୍ୱ ଉପରେ ଗୁରୁତ୍ୱପୂର୍ଣ୍ଣ ସକାରାତ୍ମକ ପ୍ରଭାବ ପକାଇଥିବା ପ୍ରକଳ୍ପଗୁଡ଼ିକୁ ସ୍ଥାନୀୟ ପ୍ରଶାସନ ଏବଂ ଉନ୍ନତ ତଥ୍ୟ ବିଶ୍ଳେଷଣର ବ୍ୟବହାର ମାଧ୍ୟମରେ ସ୍ଥାୟୀ ସହରାଞ୍ଚଳ ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ଅନୁଷ୍ଠିତ ୨୧ତମ ଡ୍ୟାସବୋର୍ଡ ବୈଠକରେ ପ୍ରଭାବଶାଳୀ ସହରାଞ୍ଚଳ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥିର କରାଯାଇଛି, ଯାହା ରାଜ୍ୟର ସହରଗୁଡ଼ିକୁ ସ୍ମାର୍ଟ ଏବଂ ଅଧିକ ସ୍ଥାୟୀ ସହରାଞ୍ଚଳ କେନ୍ଦ୍ରରେ ପରିଣତ କରିବା ନିଶ୍ଚିତ କରିବ।

# ଓଡ଼ିଶାକୁ ଭୁଲିଗଲେ

କୌଣସି ରାଜ୍ୟ ବିଧାନସଭା ନିର୍ବାଚନ ହେବାର ଥିବ ସେତେବେଳେ ବଜେଟରେ ଏହି ରାଜ୍ୟକୁ ଅଧିକ ଅନୁଦାନ ମିଳିଥାଏ। ଏହା ଏକ ସ୍ୱାଭାବିକ କଥା। ପ୍ରତି ସରକାର ଏହି ନୀତି ଅନୁସରଣ କରନ୍ତି। କେନ୍ଦ୍ରରେ ଏକ ରାଜନୈତିକ ସରକାର ଗଠିତ ହୋଇଛି। ଏହାର ନିଷ୍ପତ୍ତି ନିଶ୍ଚିତ ଭାବେ ରାଜନୈତିକ ଦୃଷ୍ଟିଭଙ୍ଗୀ ଆଧାରରେ ହେବ। ୨୦୨୭ରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ୟୁପି ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ ଆସନ୍ତା ବର୍ଷ ବଜେଟରେ ୟୁପିକୁ ଅଧିକ ଅନୁଦାନ ମିଳିବ ଏବଂ ଏହାକୁ ଫୋକସ କରାଯିବ। ଏଭଳି ପ୍ରକ୍ରିୟାରେ ସବୁ ରାଜ୍ୟର କେବେ ନା କେବେ ପାଳି ପଡ଼ିବ। ତେଣୁ ବିହାରକୁ ଅଧିକ ଅନୁଦାନ ମିଳିଲା ବୋଲି ଅନ୍ୟ ରାଜ୍ୟମାନେ ଅଭିଯୋଗ କରିବା, ଅସନ୍ତୋଷ ପ୍ରକାଶ କରିବାର ଯଥାର୍ଥତା ନାହିଁ। ତେବେ ବଜେଟରେ ଆଞ୍ଚଳିକ ଦୃଷ୍ଟିଭଙ୍ଗୀ କଦାପି ସ୍ୱାଗତ ଯୋଗ୍ୟ ନୁହେଁ। ମମତା ବାନାର୍ଜୀ ଯେତେବେଳେ କେନ୍ଦ୍ରରେ ରେଳବାଇ ମନ୍ତ୍ରୀ ଥିଲେ ସେତେବେଳେ ସେ ରେଳ ବଜେଟରେ ପଶ୍ଚିମବଙ୍ଗକୁ ସର୍ବାଧିକ ଗୁରୁତ୍ୱ ଦେଉଥିଲେ ଏବଂ ନିଜ ରାଜ୍ୟରେ ରେଳ ବିକାଶକୁ ପ୍ରାଥମିକତା ଦେଉଥିଲେ। ଏହା ଫଳରେ ଓଡ଼ିଶା ଭଳି ଅନେକ ରାଜ୍ୟ ଅନ୍ୟାୟର ଶିକାର ହେଉଥିଲେ। ଏଥର ବଜେଟରେ ଓଡ଼ିଶା ପାଇଁ ସେଭଳି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ ଯାହା ଆଶା କରାଯାଉଥିଲା। ଓଡ଼ିଶାବାସୀ ବିଜେପିକୁ ବିପୁଳ ସମର୍ଥନ ଦେଇଛନ୍ତି। ଓଡ଼ିଶାରୁ ଲୋକସଭାକୁ ୨୦ଜଣ ବିଜେପି ପ୍ରାର୍ଥୀ ଜୟଯୁକ୍ତ ହୋଇ ଯାଇଛନ୍ତି। ରାଜ୍ୟରେ ବିଜେପି ପ୍ରଥମ ଥର ପାଇଁ ନିଜସ୍ୱ ବଳରେ ସରକାର ଗଠନ କରିଛି। କିନ୍ତୁ ସେହି ଅନୁପାତରେ ଓଡ଼ିଶାକୁ ବଜେଟରେ ସେପରି କିଛି ସ୍ୱତନ୍ତ୍ର ଅନୁଦାନ ବା ଯୋଗଜନା ଲାଗି ଅର୍ଥ ବରାଦ ନାହିଁ। ଗତ ବର୍ଷ ତୁଳନାରେ ରେଳ ବଜେଟରେ ଓଡ଼ିଶାକୁ ବିଶେଷ ଅଧିକ ଅର୍ଥ ଦିଆଯାଇନାହିଁ। ଏହା ନିଶ୍ଚିତ ଭାବେ ନୈରାଶ୍ୟଜନକ। ଏଥର ବଜେଟରେ ଦୁଇଟି ନିର୍ଦ୍ଦିଷ୍ଟ ରାଜ୍ୟକୁ ଫୋକସ କରାଯାଇଛି। ସେହି ଦୁଇଟି ରାଜ୍ୟ ହେଲା ଦିଲ୍ଲୀ ଏବଂ ବିହାର। ଚଳିତ ବର୍ଷ ଶେଷ ଭାଗରେ ବିହାର ବିଧାନସଭା ନିର୍ବାଚନ ହେବ। ଦିଲ୍ଲୀରେ ଅନେକ ସରକାରୀ କର୍ମଚାରୀ ଅଛନ୍ତି। ସେମାନଙ୍କୁ ଖୁସି କରିବା ପାଇଁ ବଜେଟରେ ବେତନଭୋଗୀଙ୍କ ନିମନ୍ତେ ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ କରାଯାଇଛି। ଏହା ପୂର୍ବରୁ କେନ୍ଦ୍ର କ୍ୟାବିନେଟ ବୈଠକରେ କେନ୍ଦ୍ରୀୟ କର୍ମଚାରୀଙ୍କ ଲାଗି ଅଷ୍ଟମ ବେତନ କମିଶନ ଗଠନ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଅନ୍ୟ ପକ୍ଷରେ ବଜେଟରେ ବିହାର ଲାଗି ଅନେକ ପ୍ରସ୍ତାବ ରହିଛି। ପାଟନାରେ ଏକ ଗ୍ରୀନଫିଲ୍ଡ ଏୟାରପୋର୍ଟ ପ୍ରତିଷ୍ଠା ସହିତ ଏକ କୃଷକ ତାଲିମ ପ୍ରତିଷ୍ଠାନ ହେବ। ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବଜେଟରେ ଏହାକୁ ଅଧିକ ଅନୁଦାନ ପ୍ରଦାନ କରାଯାଇଥିବା ସମ୍ପର୍କରେ ବିରୋଧୀ ଦଳର ଅଭିଯୋଗର ଉତ୍ତର ଦେଇ ଅର୍ଥମନ୍ତ୍ରୀ କହିଛନ୍ତି ଯ, ବିହାର ଏକ ବଡ଼ ରାଜ୍ୟ ଏବଂ ଅତ୍ୟନ୍ତ ଜନବହୁଳ। ଏହାର ସଂସ୍କୃତି ଏବଂ ଐତିହ୍ୟ ସମୃଦ୍ଧ। କିନ୍ତୁ ବିହାର ଆର୍ଥିକ ଏବଂ ସାମାଜିକ ଦୃଷ୍ଟିରୁ ଏକ ପଛୁଆ ରାଜ୍ୟ ଭାବେ ପରିଗଣିତ ହେଉଛି। ଏହାର ମୁଣ୍ଡ ପିଛା_ଆୟ ଦେଶରେ ସର୍ବନିମ୍ନ। ଏଠାରେ ମୋଟ ଜନସଂଖ୍ୟା ତୁଳନାରେ ବିପିଏଲଙ୍କ ସଂଖ୍ୟା ଢେର ଅଧିକ। ତେଣୁ ଏହାକୁ ବଜେଟରେ ସ୍ୱତନ୍ତ୍ର ଅନୁଦାନ ପ୍ରଦାନର ଯଥାର୍ଥତା ରହିଛି। ପାଟାରେ ଏକ ଗ୍ରୀନ ଫିଲ୍ଡ ଆନ୍ତର୍ଜାତିକ ବିମାନ ବନ୍ଦର ପ୍ରତିଷ୍ଠାରେ କ'ଣ ଅସୁବିଧା ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ବିହାର କୃଷି ଉତ୍ପାଦନ ସେଭଳି ଅଧିକ ନୁହେଁ ଯାହା ପଞ୍ଜାବ, ହରିୟାନା ଏବଂ ଆନ୍ଧ୍ରରେ ରହିଛି। ତେଣୁ ବିହାରେ କୃଷି ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପର ଯଥାର୍ଥତା ରହିଛି। ଏହା ଦ୍ୱାରା ସାରା ଦେଶ ଉପକୃତ ହେବ। ଅର୍ଥମନ୍ତ୍ରୀଙ୍କ ଯୁକ୍ତି ଗ୍ରହଣୀୟ।

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା

॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

“ ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିଙ୍କୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ତ୍ରୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ।

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ୍ୟ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ୍ୟ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ୍ୟ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪

# କଳା ଅବତାର, ଅଂଶାବତାର ଓ ରାମାବତାର

॥ ଡା.ଦିଲ୍ଲୀପ କୁମାର ମହାରଣା ॥

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ୍ୟ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ୍ୟ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ' ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ୍ୟ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ୍ୟ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୂତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।

ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯

# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା

॥ ସୁଶାନ୍ତ ଭୂୟାଁ ॥

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଚ୍ଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା'ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ 'ପ୍ରଗତିବାଦୀ' ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ୍ୟ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ୍ୟ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଙ୍କୋଚତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ୍ୟ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।

ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



# ମହେନ୍ଦ୍ରଗିରି ମହାଶିବରାତ୍ରୀ ପାଇଁ ପ୍ରସ୍ତୁତ ବୈଠକ

ଗଜପତି ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ ମହେନ୍ଦ୍ରଗିରି ପର୍ବତ ଶିଖରରେ ଚଳିତ ବର୍ଷ ମହାଶିବରାତ୍ରୀ ମହାଆଡମ୍ବରରେ ପାଳନ କରାଯିବ। ଏଥି ନିମନ୍ତେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୫ ଓ ୨୬ ତାରିଖ ଦୁଇ ଦିନ ଶିବରାତ୍ରୀ ଅନୁଷ୍ଠିତ ହେବ ,ଏଥିପାଇଁ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା କରଯାଇଥିଲା। ମହେନ୍ଦ୍ରଗିରି ମହାଶିବରାତ୍ରି ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁମାନେ ପ୍ରବଳ ଜନସମାଗମ ହେବାର ରହିଅଛି । ଭକ୍ତମାନେ ଯିବା ଆସିବା ରାସ୍ତାର ବିଭିନ୍ନ ସ୍ଥାନରେ ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯିବୟ ରାସ୍ତାର ମରାମତି ପାଇଁ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି । ୧୦ ଟଙ୍କାର ସୁଲଭ ଦରରେ ପ୍ରସାଦ ବିକ୍ରୟ ପାଇଁ ବ୍ୟବସ୍ଥା କରାଯାଇଛି। ମହେନ୍ଦ୍ରଗିରି ଶିଖର ମଧ୍ୟରେ ବିଭିନ୍ନ ସ୍ଥାନରେ ପାନୀୟ ଜଳ ଯୋଗାଇଦିଆଯିବ। ପର୍ବତ ଶିଖରରେ ଯାନବାହାନ ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ସେହିପରି କୁନ୍ତୀ ମନ୍ଦିର ଓ ଯୁଧିଷ୍ଠିର ମନ୍ଦିର ଦର୍ଶନ ପାଇଁ ପ୍ରତି ମନ୍ଦିର ପିଛା ୨୦ ଟଙ୍କା ରଖାଯାଇଛିୟ ପ୍ରବଳ ଜନସମାଗମ ଦୃଷ୍ଟିକୁ ରଖି ପୋଲିସ୍ ଫୋର୍ସ ସୁରକ୍ଷା ପାଇଁ ନିୟୋଜିତ ରହିବେ। ବୁରୁକତ ଠାରୁ ମହେନ୍ଦ୍ରଗିରି ପର୍ଯ୍ୟନ୍ତ ଆଲୋକର ବ୍ୟବସ୍ଥା



କରାଯିବ। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ସେଠାରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉପସ୍ଥିତ ରହିବେ। ସେହିପରି ଚିକିତ୍ସା ପାଇଁ ମେଡିକାଲ୍ ଟିମ୍ ନିୟୋଜିତ ରହିବା ସହିତ ଔଷଧ ସାମଗ୍ରୀ ରଖି ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପର୍ବତ ଶିଖରରେ ସମ୍ପୂର୍ଣ୍ଣ ମାଦକ ଦ୍ରବ୍ୟ ନିଷେଧ କରାଯାଇଛି ଓ ପ୍ଲାଷ୍ଟିକ ବ୍ୟାବାହର ନକରିବକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧି ମାନଙ୍କୁ ନେଇ କଇଁପୁର ଠାରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ କରାଇବାକୁ ତହସିଲଦାର ରାୟଗଡ଼ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜିର ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମିଞ୍ଜି , ଉପଜିଲ୍ଲାପାଳ ଶ୍ରୀ ଅନୁପ ପଣ୍ଡା, ଉପଖଣ୍ଡ ପୋଲିସ୍ ଅଧିକାରୀ ପାରଳାଖେମୁଣ୍ଡି ଶ୍ରୀ ମାଧବ ନନ୍ଧ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମହମ୍ମଦ ମୁବାରକ୍ ଅଲ୍ଲୀ , ଡେପୁଟି କଲେକ୍ଟର ଶ୍ରୀ କମଳ କାନ୍ତ ପଣ୍ଡା,ତହସିଲଦାର ରାୟଗଡ଼ ଶ୍ରୀ ସୁକାନ୍ତ ପ୍ରଧାନ ସମେତ ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପୂର୍ଣ୍ଣ ଅବ୍ୟବସ୍ଥା ଭିତରେ ପ୍ରାଥମିକ ବିଦ୍ୟାଳୟ

## ଭିତ୍ତିଭୂମି ବିକାଶ ପାଇଁ ଗ୍ରାମବାସୀଙ୍କ ଦାବୀ

ଅସ୍ତରଙ୍ଗ(ମହାଭାରତ):ବିଭିନ୍ନ ବିଦ୍ୟାଳୟ ର ବହୁମୁଖୀ ଉନ୍ନତି ସାଧନା ପାଇଁ ରାଜ୍ୟ ସରକାର ଅନେକ ବିକଳ୍ପ ବ୍ୟବସ୍ଥା ଆଣିଛନ୍ତି ମାତ୍ର ଅସ୍ତରଙ୍ଗ ବ୍ଲକ ଶିଶୁଅ ପଞ୍ଚାୟତ କେଉଟଜଙ୍ଗା ପ୍ରାଥମିକ ବିଦ୍ୟାଳୟ ର ଭିତିଭୂମି ସମ୍ପୂର୍ଣ୍ଣ ଅବ୍ୟବସ୍ଥା ଭିତରେ ରହିଛି। ଯାହାକୁ ନେଇ ଉକ୍ତ ଗ୍ରାମ ର ତ୍ରିନାଥ ଭୋଳ, ବିପିନ ମୁରୁଣୀ, ପ୍ରଦୀପ୍ତ ବିଶ୍ୱାଳ ଙ୍କ ସହିତ ଅନେକ ଗ୍ରାମବାସୀ ଆଣିଛନ୍ତି ଅଭିଯୋଗ, ଅଭିଯୋଗ ମୁତାବକ ୧୫ ବର୍ଷ ର ଏହି ପ୍ରାଥମିକ ବିଦ୍ୟାଳୟ ହୋଇଥିଲେ ବି ଆଜି ପର୍ଯ୍ୟନ୍ତ ବିଦ୍ୟାଳୟ ରେ କୌଣସି ରଙ୍ଗ କାର୍ଯ୍ୟ ହୋଇନାହିଁ, ବିଦ୍ୟାଳୟ ରେ ରୋଷେଇ ଗୃହ କୁ ନେଇ ସମ୍ପୂର୍ଣ୍ଣ ୪ ଗୋଟି କକ୍ଷ ରହିଛି ମାତ୍ର ପ୍ରତ୍ୟେକ କୋଠରୀ ରେ ଅବ୍ୟବସ୍ଥା, କେଉଁଠି ତଳ ଚଟାଣ ଫାଟି ମାଟି ଗଦା ହୋଇଛି ତ ଆଉ କେଉଁଠି ଛାତ ଫାଟି ସିମେଣ୍ଟ ଢ଼ଳେଇ ଖସିଲାଣି, ଅତୀତ ରେ ଛାତ ତାଜା ରୁ ସିମେଣ୍ଟ ଳେଇ ଖସି କିଛି ଛାତ୍ର ଛାତ୍ରୀ ଆହତ ମଧ୍ୟ ହୋଇଛନ୍ତି ଯାହାକୁ ନେଇ ଗ୍ରାମବାସୀ ମତାମତ ଦେଇଛନ୍ତି। ପରିବେଶ କହିଲେ ବିଦ୍ୟାଳୟ ଚତୁଃପାର୍ଶ୍ୱ ରେ ନାଳ ନର୍ଦ୍ଦମା ଜମିଛି ଯେଉଁଠି ମଶା ମାଛି ଙ୍କ ବଂଶବୃଦ୍ଧି ହେଉଛି, ଏହି ପରିବେଶ ରେ କୋମଳମତି ଛାତ୍ରଛାତ୍ରୀ ଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟ ପଟେ ବିଦ୍ୟାଳୟ ନିକଟରେ ବିଦ୍ୟାଳୟ ତରଫରୁ ୨ ଗୋଟି ଶୌଚାଳୟ କରାଯାଇଛି ମାତ୍ର ପାଣି ସଂଯୋଗ ନଥିବାରୁ ଏହି ଶୌଚାଳୟ କାର୍ଯ୍ୟକ୍ଷମ ହେଇପାରିନାହିଁ, ବର୍ଷା ହେଉ କି ଖରା ଛୋଟ ଛୋଟ ପିଲା ମାନଙ୍କ ର ଶୌଚାଳୟ ଆବଶ୍ୟକ ହେଲେ ସେମାନେ ନିକଟ ପଡିଆ କୁ ଯାଇଥାନ୍ତି । ଆଗକୁ ଗ୍ରୀଷ୍ମପ୍ରବାହ ଆସୁଛି ଏବେଠୁ ଉପକୂଳ ଜଳବାୟୁ ର ଉଷ୍ଣତା ବୃଦ୍ଧିପାଇବାରେ ଲାଗିଛି ମାତ୍ର ଆଜି ପର୍ଯ୍ୟନ୍ତ ଏହି ବିଦ୍ୟାଳୟ କୁ କୌଣସି ସରକାରୀ ପଞ୍ଜିକରଣ ବିଦ୍ୟୁତ ସଂଯୋଗ ହୋଇନାହିଁ, ଯାହାକି ଫଳରେ ପଙ୍ଖା ଲାଗିଛି ମାତ୍ର ବିଦ୍ୟୁତ ନଥିବାରୁ ଏହା ମଧ୍ୟ ଅଚଳଅବସ୍ଥା, ମଧ୍ୟାହ୍ନ ଭୋଜନ ରେ ମଧ୍ୟ ଅନିୟମିତତା ଏହି ବିଦ୍ୟାଳୟ ପରିସରରେ ସାମ୍ନା କୁ ଆସିଥିବା ବେଳେ ଏହି ଘଟଣା ସମ୍ପର୍କ ରେ ଆମେ ଗ୍ରାମବାସୀ ଙ୍କ ଅଭିଯୋଗ ବିଦ୍ୟାଳୟ ପ୍ରାଧନଶିକ୍ଷକ ଅଶୋକ କୁମାର ବାରିକ ଙ୍କୁ ପଚାରିବାରୁ ସେ ଓଲଟା ଅଭିଯୋଗ ଗ୍ରାମବାସୀ ଙ୍କ ବିରୁଦ୍ଧରେ ଆଣିଛନ୍ତି, ତାଙ୍କ କହିବା ମୁତାବକ ଆମ ବିଦ୍ୟାଳୟ ସୁଚାରୁ ରୂପେ ଚାଲିଛି ମାତ୍ର ଏଠି ଗ୍ରାମବାସୀ ଙ୍କ ସହଯୋଗ ଅଭାବ ରୁ ବିଦ୍ୟାଳୟ ଉନ୍ନତି ରେ ବାଧା ଆସୁଛି, ସେଥିପାଇଁ ଆଜି ପ୍ରାୟତଃ ୩୦



ଜଣ ଗ୍ରାମବାସୀ ବିଦ୍ୟାଳୟ କୁ ପିଲା ମାନଙ୍କୁ ନଛାଡି ପ୍ରଧାନ ଶିକ୍ଷକ ଅଶୋକ ବାରିକ ଙ୍କୁ ଅଟକ ରଖି ବିଦ୍ୟାଳୟ ବିକାଶ ଉପରେ ଆଲୋଚନା କରିଥିଲେ। ଘଟଣା ସ୍ଥଳରେ ଶିଶୁଅ ପଞ୍ଚାୟତ କ୍ଲଷ୍ଟର ସିଆରସିସି ଶିବ ଚରଣ ଖଟୋଇ ପହଞ୍ଚି ଉଭୟ ଗ୍ରାମବାସୀ ଓ ପ୍ରଧାନଶିକ୍ଷକ ଙ୍କ ସହିତ ଆଲୋଚନା କରି। ସହିତ ମତାମତ ଦେଇଛନ୍ତି ଯେ ଏହି ଘଟଣା ସମ୍ପର୍କ ରେ ଉପରିସ୍ଥ ଅଧିକାରୀ ଙ୍କୁ ଜଣାଯାଇ ତୁରନ୍ତ ବିଦ୍ୟାଳୟ ବିକାଶ ପାଇଁ ସମସ୍ତ ପଦକ୍ଷେପ ନିଆଯିବ। ଏବେ ଦେଖିବାକୁ ବାକି ରହିଛି କେବେ ପ୍ରଶାସନ ର ଏହି ସୁନାମି ପ୍ରପୀଡ଼ିତ ପ୍ରାଥମିକ ବିଦ୍ୟାଳୟ ଭିତିଭୂମି ବିକାଶ ପାଇଁ କାର୍ଯ୍ୟପ୍ୟା ନିଆଯାଉଛି ।

# ପାରାଦୀପ ପୌରାଞ୍ଚଳରେ ରାଜ୍ୟର ପ୍ରଥମ ଆବର୍ଜନାରୁ ଉର୍ଜା ପ୍ରକଳ୍ପର ଶିଳାନ୍ୟାସ




ପାରାଦୀପ(ମହାଭାରତ): ଟେକ୍ନିମଣ୍ଟର ଭାରତୀୟ ସହଯୋଗୀ କମ୍ପାନୀ ଟେକ୍ନିମଣ୍ଟ ପ୍ରାଇଭେଟ ଲିମିଟେଡ଼ (ଟିସିଏମପିଏଲ), ପାରାଦୀପ ପୌରପାଳିକା ଏବଂ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଟେକନୋଲୋଜି କର୍ଣ୍ଣାଟକ, ସୁରଥକାଲ (ଏନଆଇଟିକେ) ପକ୍ଷରୁ ଓଡିଶା ର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ପାରାଦୀପ ପୌରାଞ୍ଚଳରେ ଏକ ଟନ କ୍ଷମତା ବିଶିଷ୍ଟ ବାୟୋଗ୍ୟାସ ପ୍ଲାଣ୍ଟ ସ୍ଥାପନ ନିମନ୍ତେ ଭୂମିପୂଜା ଓ ଶିଳାନ୍ୟାସ ଉତ୍ସବ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡିଶା ସରକାର ଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ରାଷ୍ଟ୍ରମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପାରାଦୀପ ପୌରପାଳିକା ଅଧକ୍ଷ ବସନ୍ତ ବିଶ୍ୱାଳ,ଟେକ୍ନିମଣ୍ଟ ମେୟାର ଗ୍ରୁପ ର ସିଇଓ ଆଲେସାଣ୍ଡ୍ରୋ ବରନିନି ଙ୍କ ସମେତ ଅନ୍ୟାନ୍ୟ ସରକାରୀ ପଦାଧିକାରୀ ଓ କମ୍ପାନୀ ପ୍ରତିନିଧି ମାନଙ୍କ ଉପସ୍ଥିତି ରେ ପ୍ରକଳ୍ପ ନିମନ୍ତେ ଭୂମିପୂଜା ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବାୟୋଗ୍ୟାସ ପ୍ଲାଣ୍ଟ ଟିସିଏମପିଏଲ କର୍ପୋରେଟ ସାମାଜିକ ଦାୟିତ୍ୱ ବୋଧ (ସିଏସଆର) ପ୍ରୟାସ ସମୂହର ଏକ ଅଂଶବିଶେଷ ଏବଂ ଏହା ପାରାଦୀପ ପୌରପାଳିକା, ଜିଲ୍ଲା ପ୍ରଶାସନ ଏବଂ ଏନଆଇଟିକେ ସହଯୋଗରେ ତ୍ରିପାକ୍ଷିକ ରାଜିନାମା ଅଧୀନରେ କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରକଳ୍ପ ଖାଦ୍ୟ ଓ ପନିପରିବା ବର୍ଜ୍ୟ କୁ କଞ୍ଚାମାଲ ଭାବେ ବ୍ୟବହାର କରି ରନ୍ଧନ ଗ୍ୟାସ ଭାବରେ ବ୍ୟବହାର ହେବାକୁ ଥିବା ବାୟୋଗ୍ୟାସ ଉତ୍ପାଦନ କରିବା ନିମନ୍ତେ ଏକ କ୍ଷୁଦ୍ର ସୁବିଧା ସ୍ଥାପନ ନିମନ୍ତେ ଲକ୍ଷ୍ୟ ରଖାଯାଇଛି, ଯାହାଦ୍ୱାରା ବର୍ଜ୍ୟ ରୁ ସମ୍ବଳ ସୃଷ୍ଟି ମଧ୍ୟରେ ରହୁଥିବା ଖାଲି ସ୍ଥାନକୁ ସଫଳତାର ସହିତ ପୂରଣ କରିବ । ଏହି ପ୍ଲାଣ୍ଟ ସ୍ଥାନୀୟ ଜନସମୁଦାୟ ଙ୍କୁ ସେବା ଯୋଗାଇବା ନିମନ୍ତେ ଆଗାମୀ ୧୨ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବା ନେଇ ଆଶା କରାଯାଉଛି । ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଏହି ପ୍ରସ୍ତାବିତ ବାୟୋଗ୍ୟାସ ପ୍ଲାଣ୍ଟ ପୌରାଞ୍ଚଳ ରୁ ନିର୍ଗତ ହେଉଥିବା ବର୍ଜ୍ୟ ଖାଦ୍ୟ ମାନଙ୍କର ପୁନଃଚକ୍ରଣ କରିବାର ଲକ୍ଷ୍ୟ ରଖାଯିବା ସହିତ ଏହା ଭୂମି କୁ ପୋତିବା ବୋଝ ହ୍ରାସ କରିବ । ପୌରାଞ୍ଚଳ ରୁ ପୃଥକୀକରଣ ଜରିଆରେ ବର୍ଜ୍ୟବସ୍ତୁ କୁ ସଂଗ୍ରହ କରାଯାଇ ଏକ ଟନ କ୍ଷମତା ବିଶିଷ୍ଟ ବାୟୋଗ୍ୟାସ ପ୍ଲାଣ୍ଟରେ ଉପଯୋଗ କରାଯାଇ ସେଥିରୁ ଚୂଡାନ୍ତ ଉତ୍ପାଦ ଆକାରରେ କମ୍ପ୍ରେସଡ଼ ବାୟୋଗ୍ୟାସ ପ୍ରସ୍ତୁତ କରାଯାଇ ଇନ୍ଧନ ଭାବରେ ବ୍ୟବହାର କରାଯିବ ଏବଂ ଏହା ଗୋଷ୍ଠୀ ପାକଶାଳା କୁ ଯୋଗାଇଦିଆଯିବ । ଏହାଦ୍ୱାରା ଏକ ଦୀର୍ଘସ୍ଥାୟୀ ଶକ୍ତି ପରିବ୍ୟବସ୍ଥା କୁ ପ୍ରୋତ୍ସାହିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଲ୍ଲେଖ କରିଥିଲେ । ସେହିପରି ପୌରାଧକ୍ଷ ବସନ୍ତ ବିଶ୍ୱାଳ ଏହି ପ୍ରକଳ୍ପ ପାରାଦୀପ ପୌରପାଳିକା ଅଧିକାରୀ ଓ କର୍ମଚାରୀ ମାନଙ୍କର ନିରନ୍ତର ପ୍ରୟାସ ର ନିଦର୍ଶନ ହୋଇଛି ଏବଂ ଏହି ପ୍ରକଳ୍ପ ଏକ ଆବର୍ତ୍ତୀ ଅର୍ଥନୀତି ପାଇଁ ଉଦାହରଣ ସୃଷ୍ଟି କରିବା ସହିତ ପାରାଦୀପ ର ସବୁଜ ଶକ୍ତି ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀ ର ସର୍ବଭାରତୀୟ ଉପ ସଭାପତି ମିଲିନ୍ଦ ବାରିଡେ କହିଥିଲେ ଯେ ଏହି ସୁବିଧା ଆବର୍ତ୍ତୀ, ସାମାଜିକ ଦାୟିତ୍ୱ ନିର୍ବାହ ଏବଂ ଏହା ସେବା ଯୋଗାଉଥିବା ଜନସମୁଦାୟ ର ଅର୍ଥନୈତିକ ଦୀର୍ଘ ସ୍ଥାୟିତା ପ୍ରତି ମେୟାର ଗ୍ରୁପ ର ପ୍ରତିବଦ୍ଧତା କୁ ପ୍ରତିଫଳିତ କରୁଛି। ପ୍ରକଳ୍ପ ସମ୍ପର୍କରେ ଏନଆଇଟିକେ ନିର୍ଦ୍ଦେଶକ ବି.ରବି ମେୟାର ଗ୍ରୁପ ର ସମର୍ଥନରେ ସୁରଥକାଲ କ୍ୟାମ୍ପସ ଦୀର୍ଘସ୍ଥାୟୀ ପ୍ରୟାସ ସମୂହର ସମ୍ଭାବନା ଅନୁଧ୍ୟାନ ଦିଗରେ ଏନଆଇଟିକେ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ନେଇ ସୂଚନା ଦେଇଥିଲେ ।ତେବେ ପାରାଦୀପ ରେ ପ୍ରତିଷ୍ଠା ହେବାକୁ ଯାଉଥିବା ଏହି ପ୍ରକଳ୍ପ ଅଭିଜ୍ଞତା କୁ ବ୍ୟାପକ ଆକାରରେ ପ୍ରୟୋଗ କରାଯିବା ସହ ଓଡ଼ିଶାର ସବୁଜ ଶକ୍ତି ଲକ୍ଷ୍ୟ କୁ ପୂରଣ କରାଯାଇପାରିବ ଏବଂ ଏହି ପ୍ରକଳ୍ପ ଛାତ୍ରଛାତ୍ରୀ, ଉଦୀୟମାନ ଉଦ୍ୟୋଗୀ ସମୂହ ଏବଂ ଅନ୍ୟ ସଂସ୍ଥା ମାନଙ୍କୁ ଅକ୍ଷୟ ଶକ୍ତିର ବିଶାଳ ସାମର୍ଥ୍ୟ ସୁଯୋଗ ନେବା ପାଇଁ ପ୍ରେରଣା ଦେବ ବୋଲି ପ୍ରଫେସର ରବି ଉଲ୍ଲେଖ କରିଥିଲେ ।

# କନ୍ଦାଗଡିଆ ମାଝୀ ପରିବାର ପକ୍ଷରୁ ମାଘ ଯାତ୍ରା ସମ୍ପନ୍ନ



କୋକସରା,(ମହାଭାରତ) : କୋକସରା ବ୍ଲକ ଆମପାଣି ପଞ୍ଚାୟତର କନ୍ଦାଗଡ଼ ସୁକୁଲିଭଟା ଗ୍ରାମର କନ୍ଦାଗଡ଼ିଆ ମାଝୀ ପରିବାର ପକ୍ଷରୁ ଗତ ୩ ଦିନ ଧରି ଚାଲିଥିବା ମାଘ ପାଟଯାତ୍ରା ମଙ୍ଗଳବାର ଉଦଯାପିତ ହୋଇଛି। ରବିବାର ପାଟଯାତ୍ରା ଆରମ୍ଭ ହୋଇଥିବାବେଳେ ସୋମବାର ଦେବାଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ନିମନ୍ତ୍ରିତ ଦେବାଦେବୀ ମାନଙ୍କୁ ମଙ୍ଗଳବାର ବିଦାୟ ଦିଆଯାଉଥିଲା। ଦିର୍ଘ ୧୨ ବର୍ଷ ପରେ ପାଳିତ ହୋଇଥିବା ଏହି ପାଟ ଯାତ୍ରାରେ କନ୍ଦାଗଡିଆ ମାଝୀ ପରିବାର ସମେତ ପଡୋଶୀ ନବରଙ୍ଗପୁର, କୋରାପୁଟ ଓ ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ବସ୍ତର ଜିଲ୍ଲାରୁ ତାଙ୍କ ବନ୍ଧୁ ବାନ୍ଧବ ଶହ ଶହ ସଂଖ୍ୟାରେ ସାମିଲ ହୋଇଥିଲେ। ପାଟଯାତ୍ରାରେ ମାଝୀ ପରିବାରର ମୂଖ୍ୟ ଦେବୀ ଭାବରେ ମାନପୁରେନ୍ ଦେବୀଙ୍କୁ ପୂଜା କରାଯାଇଥିବାବେଳେ ପାର୍ଶ୍ୱ ଦେବଦେବୀ ଭାବରେ ଲଙ୍କେଶ୍ୱରୀ, ଭୈରବ, ପିଲାଭିମା, ପଞ୍ଚମୁଖୀ କାଳୀ, କାଳୀ ସୁନ୍ଦରୀ, ବାରମାଝୀ, ମିର୍ଚୁକ୍ ଆଦି ଦେବାଦେବୀ ପୂଜାର୍ଚ୍ଚନାରେ ସ୍ଥାନ ପାଇଥିଲେ। ନିମନ୍ତ୍ରିତ ଦେବାଦେବୀଙ୍କ ମଧ୍ୟରେ କଳାହାଣ୍ଡିର ଆରାଧ୍ୟ ଦେବତା ପ୍ରଭୁ ବୁଢ଼ାରଜା, ଜେନା ବୁଢ଼ା, ମା’ ମାଉଳୀ, ଠାକୁରାଣୀ ଆଦି ବିଭିନ୍ନ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ମାଘ ପାଟଯାତ୍ରାର ଉଦଯାପନୀ ଦିବସରେ ଗ୍ରାମ ଦେବାଦେବୀଙ୍କୁ ଶାନ୍ତି କରିବା ନିମନ୍ତେ ପୋଢ଼ ବଳି ଦିଆଯାଇଥିଲା। ଏହି ଯାତ୍ରା ଆରମ୍ଭରେ କଳିଙ୍ଗ ଯାତ୍ରା କରାଯାଇ ସେଠାରୁ ଲୁଣ ଓ ମାଛ ଅଣା ଯାଇଥିଲେ। ଏହାକୁ ଦେବୀଙ୍କ ନିକଟରେ ଭୋଗ ଲାଗିକରି ଆସିଥିବା ବନ୍ଧୁ ବାନ୍ଧବ ମାନଙ୍କୁ ପ୍ରସାଦ ଆକାରରେ ପ୍ରଦାନ କରାଯାଇଥିଲା। ବିଶ୍ୱାସ ରହିଛି ଏହି ପ୍ରସାଦକୁ ସେବନ କଲେ କୌଣସି ଦୂର ଯାତ୍ରା କରୁଥିଲେ ବଞ୍ଜାରେନ ଦେବୀ ସାହା ହୋଇଥାନ୍ତି ଓ କୌଣସି ଅଘଟଣ ଘଟି ନଥିବା ମାଝୀ ପରିବାରର ବରିଷ୍ଠ ବ୍ୟକ୍ତି ମାନେ ପ୍ରକାଶ କରିଛନ୍ତି। ଏହି ମାଘ ଯାତ୍ରାରେ ଆଖପାଖ ଅ□ଳର ଶହଶହ ଲୋକଙ୍କ ସହିତ ପଡ଼ୋଶୀ ଜିଲ୍ଲା ନବରଙ୍ଗପୁର, ଛତିଶଗଡ଼ ରାଜ୍ୟରୁ ମଧ୍ୟ ଅନେକ ମାଝୀ ପରିବାରର ବନ୍ଧୁ ବର୍ଗ ସାମିଲ ହୋଇଥିଲେ। ମୁଖ୍ୟ ପୁଝାରୀ ଦେବି ସିଂ ମାଝୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ରାଜେନ୍ଦ୍ର ମାଝୀ, ସୁଦର୍ଶନ ମାଝୀ, କମଳ ମାଝୀ, ବାଳକୃଷ୍ଣ ମାଝୀ, ହଳଧର ମାଝୀ ପ୍ରମୁଖ ପୁଜଟ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। ଲକ୍ଷ୍ମୀକାନ୍ତ ମାଝୀ, ଗୋବିନ୍ଦ ମାଝୀ, ବୈଷ୍ଣବ ମାଝୀ, ସଦାନନ୍ଦ ମାଝୀ, ସୁପେଲ ପୁଝାରୀ, ଚୈତନ ମାଝୀ, ଋତୁରାଜ ମାଝୀ, କୁମୁଦ ପୁଝାରୀ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ମାଘ ଯାତ୍ରା ଉପଲକ୍ଷେ ମାଝୀ ପରିବାର ଏବଂ ମାଘ ପାଟ ଯାତ୍ରା କମିଟି ପକ୍ଷରୁ ଦର୍ଶକ ମାନଙ୍କ ମନୋରଞ୍ଜନ ନିମନ୍ତେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାଟକ ପରିବେଷଣ କରାଯାଇଥିଲା।

# କେରେଡ଼ି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳନ

କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଫୁଲବାଣୀ ବ୍ଲକର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କେରେଡ଼ି ତାହାର ୨୦୨୪-୨୫ ଶିକ୍ଷା ବର୍ଷର ବାର୍ଷିକ ଉତ୍ସବକୁ ଖୁବ ଜାକଯକମରେ ବିଦ୍ୟାଳୟର ପ୍ରାଙ୍ଗଣରେ ପାଳନ କରିଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ତାରା ପ୍ରସାଦ ମିଶ୍ର ଆୟୋଜିତ ସଭାର ସଭାପତି କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ବାର୍ଷିକ ବିବରଣୀ ସର୍ବ ସମ୍ମୁଖରେ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ବିଧାୟକ ଶ୍ରୀଯୁକ୍ତ ଉମା ଚରଣ ମଲ୍ଲିକ କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜ ବ୍ୟକ୍ତିଗତ ଅନୁଭୂତିକୁ ବଖାଣି ପିଲାମାନଙ୍କୁ ଅଗ୍ରସର ହୋ ପାଇଁ ପ୍ରେରଣା ଦେଇଥିଲେ । ସମସ୍ତଙ୍କ ମିଳିତ ଉଦ୍ୟମରେ କନ୍ଧମାଳ ଜିଲ୍ଲା ସହ ଯୋଡି ହୋଇ ରହିଥିବା ପଛୁଆ ଶବ୍ଦ କୁ ଉଠାଯାଇ ପାରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେୟ ମାନ୍ୟବର ବିଧାୟକ ବିଦ୍ୟାଳୟର ଥିବା ଅସୁବିଧାକୁ ଦୂର କରିବା ପାଇଁ ତାଙ୍କ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟବକ୍ତା ଭାବରେ ଫୁଲବାଣୀ ଗୋଷ୍ଠୀ କୃଷି ଅଧିକାରୀ ସୁଶ୍ରୀ ସୁନିତା ମିଶ୍ର ଯୋଗ ଦେଇ ତାଙ୍କର ଓଜସ୍ୱିନୀ ଭାଷଣ ଜରିଆରେ ଛାତ୍ରଛାତ୍ରୀ ତଥା ଗ୍ରାମବାସୀଙ୍କୁ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ସଚେତନ କରାଇଥିଲେ । ସେ ଛାତ୍ରଛାତ୍ରୀଙ୍କ ବିକାଶରେ ଅଭିଭାବକ , ଶିକ୍ଷକ - ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ମାନଙ୍କ ସମାନ ଭାଗୀଦାରୀତା ରହିଛି ବୋଲି ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ପୂର୍ବତନ ଛାତ୍ର, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ଆଠମାଲିକ. ବୌଦ୍ଧ ଶ୍ରୀଯୁକ୍ତ ବାଳକୃଷ୍ଣ କହଁର ଯୋଗ ଦେଇ ନିଜ ପିଲାଦିନର ଅନୁଭୂତିକୁ ମନେ ପକାଇ ପିଲାମାନଙ୍କୁ ଭବିଷ୍ୟତ ଗଠନ କରିବା ପାଇଁ ପ୍ରେରଣା ଦେଇଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପ□ ଶ୍ରୀଯୁକ୍ତ ପ୍ରମୁଖ ଖମାରୀ , ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ସୁରଜ ଦିଗାଲ ଏବଂ ପା□ଶଖା ଶିକ୍ଷା ସେତୁ କମିଟିର ସଭାପତି ଶ୍ରୀଯୁକ୍ତ ପ୍ରବୀଣ କୁମାର ସାହୁ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ୟ ଛାତ୍ରଛାତ୍ରୀ ମାନଙ୍କ ଖାଦ୍ୟପେୟର ବନ୍ଦୋବସ୍ତ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ଶିକ୍ଷକ କୃପାନିଧି ପ୍ରଧାନ ସୁଚାରୁରୂପେ ପରିଚାଳନା କରିଥିଲେ। ମଞ୍ଚ ସଜ୍ଜାଦାୟିତ୍ୱରେ ଅମିତ କୁମାର ତ୍ରିପାଠୀ ଏବଂ ମଞ୍ଚ ପରିଚାଳନାରେ ସଂସ୍କୃତ ଶିକ୍ଷକ ଶ୍ରୀ ପ୍ରତାପ କୁମାର ପଣ୍ଡା, ପୁରସ୍କାର ବିତରଣରେ ଶିକ୍ଷୟିତ୍ରୀ ଶ୍ରୀମତୀ ମିତାଞ୍ଜଳି ପ୍ରଧାନ ଏବଂ ସୁଶ୍ରୀ ଅରୁନ୍ଧତୀ ଦିଗାଲ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଭାସିନୀ କହଁର ସହଯୋଗ କରିଥିଲେ । ଶିକ୍ଷକ କୃପାନିଧି ପ୍ରଧାନ ଶୃଙ୍ଖଳା ଦାୟିତ୍ୱକୁ ସୁଚାରୁରୂପେ ତୁଲାଇଥିଲେ। ଶିକ୍ଷକ ରମେଶ ଶୁକମାଝି ଏବଂ ଶ୍ରୀମତୀ ବିସ୍ମିତା ପ୍ରଧାନ ସମସ୍ତ ଅତିଥିଙ୍କ ଅଭ୍ୟର୍ଥନା ଦାୟିତ୍ୱକୁ ନିର୍ବାହ କରିଥିଲେ । ଅର୍ଣ୍ଣପୂର୍ଣ୍ଣା ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟ ମାନେ କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ଶ୍ରୀମତୀ ରିତାରାଣୀ କହଁର ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ପରେ ବିପୁଳ ସଂଖ୍ୟକ ଗ୍ରାମବାସୀ , କମିଟିର ସମସ୍ତ ସଦଶ୍ୟ ଏବଂ ଅଭିଭାବକ - ଅଭିଭାବିକାଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ତାରା ପ୍ରସାଦ ମିଶ୍ର ବାର୍ଷିକ ଉତ୍ସବକୁ ଉଦଯାପିତ କରିଥିଲେ ।

# ରାଜ୍ୟସ୍ତରୀୟ ଫୁଟବଲ: ଇଲେଭେନଷ୍ଟାର କ୍ଲବ୍ ସେମିରେ

ବେଗୁନିଆ,(ମହାଭାରତ): ବେଗୁନିଆ ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଗଡଡିଆପଡା-ଇନ୍ଦୁପୁର ଖେଳପଡ଼ିଆରେ ଅଷ୍ଟମ ରାଜ୍ୟସ୍ତରୀୟ ଫୁଟ୍ବଲ ଟୁର୍ନାମେଣ୍ଟ ସୋମବାର ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ମ୍ୟାଚ୍ ଖୋର୍ଦ୍ଧା ଉପକଣ୍ଠ ପାଇକିଡିଗିରିଆର ଏ.ଜେ କ୍ଲବ ଏବଂ ଇଲେଭେନଷ୍ଟାର କ୍ଲବ ମଧ୍ୟରେ ହୋଇଥିଲା। ୨-୧ ଗୋଲରେ ଇଲେଭେନଷ୍ଟାର କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛିୟ ମହାବୀର ସ୍ପୋର୍ଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେ□ର ଉଦ୍ଘାଟନୀ ମ୍ୟାଚକୁ ହୀରାପୁର ସରପଞ୍ଚ ଆରତ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ମୁଖ୍ୟ ବକ୍ତାଭାବେ ସାମାଜିକ କର୍ମୀ ତୀର୍ଥବାସି ରାୟ ଏବଂ ସମ୍ମାନିତ ଅତିଥିଭାବେ ନରେନ୍ଦ୍ର କୁମାର ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ସଭ୍ୟ ପ୍ରଶାନ୍ତ କୁମାର ପାଟ୍ଟଶାଣୀଙ୍କ ସହିତ ଗ୍ରାମ୍ୟ କମିଟି ସଭାପତି ସର୍ବେଶ୍ୱର ମଙ୍ଗରାଜ, ୱାର୍ଡସଭ୍ୟ ସୁରେଶ ଚନ୍ଦ୍ର ବାଘସିଂହ, ସଂଯୋଜକ ବିନୋଦ ଚନ୍ଦ୍ର ଜଗଦେବ, କମିଟି ମେମ୍ବର ପ୍ରକାଶ ରାଉତରାୟ, ଧରଣୀଧର ବଳିୟାରସିଂହ, ବଳଭଦ୍ର ପାଟ୍ଟଶାଣୀ, ଲକ୍ଷ୍ମୀଧର ପାଟ୍ଟଶାଣୀ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେୟ ଚି□ରଞ୍ଜନ ପରିଡ଼ା ମ୍ୟାଚ ରେଫରିଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଶରତ ଛୋଟରାୟ ଓ ସୁକାନ୍ତ ପ୍ରଧାନ ଲାଇନରେ ସହଯୋଗ କରିଥିଲେ।

# ମହାନ ଆଦିବାସୀ ଭାଷା ପାଠାଗାର ଲୋକାର୍ପିତ

କଳିଙ୍ଗନଗର, (ମହାଭାରତ) : ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଲେମ୍ବୋ ପଞ୍ଚାୟତ ଗିରିଧରଡ଼ିହି ଠାରେ ବିଶିଷ୍ଟ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବାବା ତିଲକା ମାଝୀ ଜୟନ୍ତୀ ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ମିଳିତ ଆନୁକୂଲ୍ୟରେ ଏକ ଦିନିକିଆ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ସ୍ଥାନୀୟ ଆଦିବାସୀ ଲୋକଙ୍କ ପାଇଁ ଏକ ବହୁ ଆଦିବାସୀ-ଭାଷା ପାଠାଗାର ଉଦଘାଟିତ ହୋଇଛି। ଟିଏସଏଫ ଏହାର ସହଯୋଗୀ ସଂସ୍ଥା ଆଦିବାସୀ ସୋସିଓ ଏଜୁକେସନ ଏଣ୍ଡ କାଲଚରାଲ ଆସୋସିଏସନ ସହ ମିଶି ଏହି ପାଠାଗାର ଉଦଘାଟନ କରଛି। ଏହି ପାଠାଗାରରେ ବର୍ତ୍ତମାନ ହୋ, ମୁଣ୍ଡା, ଓରାଓଁ ଏବଂ ସାନ୍ତାଳୀ ଭାଷାର ପୁସ୍ତକ ଅଛି। ଏହା ଆଦିବାସୀମାନଙ୍କୁ ସେମାନଙ୍କ ଭାଷାକୁ ଉଦଜୀବିତ ରଖିବା ସହିତ ସେମାନନଙ୍କୁ ନିଜର ପରିଚୟ ଓ ଗୌରବ ବଜାୟ ରଖିବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ଏନଟିପିସିର ଜେନେରାଲ



ମ୍ୟାନେଜର ସୁଦର୍ଶନ ହେମ୍ବ୍ରମ, ଅବସରପ୍ରାପ୍ତ ଆଇଆରଏସ ଉଦୟନାଥ ମାଝୀ, ଆରଆଇ ହୃଷିକେଶ ମୁର୍ମୁ, ଲେମ୍ବୋ ପଞ୍ଚାୟତର ସରପଞ୍ଚ କଳ୍ପନା ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ବହୁ ଆଦିବାସୀ ନେତା ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।ଏହି ସ୍ମୃତି ସମାରୋହରେ ଆଖପାଖ ଗ୍ରାମର ପ୍ରାୟ ୭୦୦ ଆଦିବାସୀ ଭାଷା ଶିକ୍ଷକ, ଛାତ୍ରଛାତ୍ରୀ, ଯୁବକ ଓ ସ୍ଥାନୀୟ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ। କେତେକ ଛାତ୍ରଛାତ୍ରୀ କ୍ଷୁଦ୍ର ବ୍ୟଙ୍ଗ ନାଟକ ପରିବେଷଣ କରି ଶିକ୍ଷାର ମହ□ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିଜ ନିଜ ଗ୍ରାମରେ କଲ୍ୟାଣ ଓ ବିକାଶ କାର୍ଯ୍ୟରେ ନିରନ୍ତର ସମନ୍ୱୟ ରକ୍ଷା କରି ଆସୁଥିବା ସାନ୍ତାଳୀ ଲୋକଙ୍କ କିଛି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ବାବା ତିଲକା ମାଝୀ ଜଣେ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ଥିଲେ, ଯିଏ କି ୧୭୮୪ ମସିହାରେ ଇଂରେଜମାନଙ୍କ ବିରୋଧରେ ପ୍ରଥମ ସଶସ୍ତ୍ର ବିଦ୍ରୋହର ନେତୃତ୍ୱ ନେଇଥିଲେ, ଯାହା ସାନ୍ତାଳୀ ସମ୍ପ୍ରଦାୟର ଗୌରବମୟ ଐତିହ୍ୟକୁ ଦର୍ଶାଉଛି।

## କାନ୍ଦୁଲ୍ ଗୁଡା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ

ଜୁନାଗଡ଼(ମହାଭାରତ): ଜୁନାଗଡ଼ ବ୍ଲକ୍ କାନ୍ଦୁଲ୍ ଗୁଡା ଆଶ୍ରମ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ -୨୦୨୫ ପାଳିତ ହୋଇଯାଇଛି। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଗୁଣନିଧି ଛତ୍ରିଆ ଙ୍କ ସଭାପତିତ୍ୱ ରେ ବିଜ୍ଞାନ ଶିକ୍ଷକ ତଥା ଏନ୍.ସି. ସି ଅଫିସର୍ ସନ୍ତୋଷ କୁମାର ମେହେର ମୁଖ୍ୟ ଅତିଥି,କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଭାର ପ୍ରାପ୍ତ ଅଧକ୍ଷ ରଞ୍ଜନ କୁମାର ପଣ୍ଡା ମୁଖ୍ୟବକ୍ତା,ଜନତା ସମାଚାର ର ପ୍ରତିନିଧି ବିମଳ ଚନ୍ଦ୍ର ଶତପଥୀ, ସେବାଶ୍ରମ ର ପୁର୍ବତନ ପ୍ରଧାନ ଶିକ୍ଷକ ଭାସ୍କର ଭୋଇ,କାନ୍ଦୁଲଗୁଡା ଆଶ୍ରମ ବିଦ୍ୟାଳୟ ର ସଭାପତି ଦେବରାଜ ମାଝୀ,ପୁର୍ବତନ ସଭାପତି ଜଗଦୀଶ ଜାନୀ, ବିଦ୍ୟାଳୟ ଉପ- ସଭାପତି ମାୟାବତୀ ମାହାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗୀତା ର କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନ ର ସହକାରୀ ଶିକ୍ଷକ ବଳଦେବ ପଟେଲ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଲିଙ୍ଗରାଜ ମେହେର,ମେଟ୍ରନ୍ ଅପର୍ଣ୍ଣା ମହାରଥା, କୁମୁଦିନୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ନିରାକାରପୁର ଠାରେ ଦି ଆର ୱାନ୍ ଏକାଡେମୀ ଉଦ୍‌ଘାଟିତ




ନିରାକରପୁର(ମହାଭାରତ): ଏକ ବର୍ଣ୍ଣାଢ଼୍ୟ ପରିବେଶ ଭିତରେ,ନିରାକାରପୁର ଷ୍ଟେସନ ବଜାର ନିକଟସ୍ଥ ଶନି ମନ୍ଦିର ଠାରେ ଥିବା ଅରୋମିରା ପବ୍ଲିକ ସ୍କୁଲ ପରିସରରେ,ଉଦଘାଟିତ ହେଲା ପ୍ରତିଯୋଗିତାମୂଳକ ଶିକ୍ଷାନୁଷ୍ଠାନ । ଏହି ଭବ୍ୟ ଉଦଘାଟନୀ ଉତ୍ସବରେ ସମ୍ମାନିତ ମୂଖ୍ୟ ଅତିଥି ଭାବରେ ଓଡ଼ିଶାର ସୁନାମଧନ୍ୟ ମଞ୍ଚ ପରିଚାଳକ ଭାଷାବିତ ତଥା ଇଂରାଜୀ ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ, ସମ୍ମାନିତ ଅତିଥି ଆଇନଷ୍ଟାଇନ ଇଞ୍ଜିନିୟରିଂ କଲେଜର ଅଧକ୍ଷ ଅବଦୁଲ କଲାମ,ସମ୍ମାନିତ ମୂଖ୍ୟବକ୍ତା ଭାବରେ ଅଧକ୍ଷ ସୁଧାଂଶୁ ଶେଖର ଦାଶ, ସମ୍ମାନିତ ଅତିଥି ଭାବରେ ନିର୍ଦ୍ଦେଶକ ଶ୍ରୀ ରାଜେନ୍ଦ୍ର କୁମାର ରଥ,ନିରାକାରପୁର ଶାଖାର ପରିଚାଳକ ନିର୍ଦ୍ଦେଶକ ଶ୍ରୀ ଦୁର୍ଗା ପ୍ରସାଦ ନାଥ ଶର୍ମା, ସମ୍ପାଦକ ଶ୍ରୀ ଶକ୍ତି ପଟ୍ଟନାୟକ ଓ ଅନୁଷ୍ଠାନର ସହସମ୍ପାଦକ ଶ୍ରୀ ଦେବୀପ୍ରସାଦ ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟ ଶ୍ରୀ ବିଜୟ କୁମାର୍ ପାଲଟାସିଂ,ସରପଞ୍ଚ ବିନୋଦିନୀ ଦାଶଙ୍କ ସହ ଅଂଚଳର ବିଶିଷ୍ଟ ଶିକ୍ଷାବିତ,ଶିକ୍ଷକ, ଶିକ୍ଷା କ୍ଷେତ୍ରରେ ପ୍ରତିଷ୍ଠିତ ବୁଦ୍ଧିଯିବିମାନଙ୍କ ସହ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ଅନୁଷ୍ଠାନର ଦୀର୍ଘଯିବି କାମନା କରିବା ସହ ପ୍ରତିଯୋଗୀତା ମୂଳକ ପରୀକ୍ଷାରେ ଏହି ଅନୁଷ୍ଠାନଟି ନିଶ୍ଚିତ ଭାବରେ ଛାତ୍ରଛାତ୍ରୀମାନଙ୍କ ପାଇଁ ସହାୟକ ହେବ ବୋଲି ମତପୋଷଣ କରିଥିଲେ।

## ଟାଉନହଲ ଠାରେ ହେଣ୍ଡବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଆସିକା(ମହାଭାରତ): ଆସିକା ଟାଉନହଲ ଠାରେ ମା କାଳୀ ହେଣ୍ଡ ବଲ ଟୁର୍ନାମେ□ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମ ରେ ଆସିକା ଏନ ଏ ସି ଉପାଧକ୍ଷା ଜୟନ୍ତୀ ବିଷୋୟୀ, ବରିଷ୍ଠ କ୍ରୀଡାବିତ ଦିଲ୍ଲୀପ ପାଣିଗ୍ରାହୀ, ରାଜ୍ୟସ୍ତରୀୟ ବରିଷ୍ଠ ଜିମ ମାଷ୍ଟର ରାଜେଶ ଆଚାରୀ, କାଉନସିଲର ନିଗମ ରାଉତ, ବିଜୟ ଲକ୍ଷ୍ମୀ ବେହେରା, ରିତା ବେହେରା, ବାସନ୍ତୀ ପାତ୍ର, ରାଘବ ସିଅ, ଲିଳିମା ପାତ୍ର, ସମେତ ଜିତୁ ମହାରଣା, ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ପ୍ରଥମ ମ୍ୟାଚ ରେ ନରେନ୍ଦ୍ରପୁର ସହ ହରିଡ଼ାଖଣ୍ଡି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ରେ ଗୋପାଳପୁର ସହ ବ୍ରହ୍ମପୁର ମଧ୍ୟରେ ଖେଳ ହୋଇଥିଲା । ପ୍ରଥମ ମ୍ୟାଚ ରେ ହରିଡ଼ାଖଣ୍ଡି ଟିମ ୨୩-୦୭, ୧୨-୦୫ରେ ନରେନ୍ଦ୍ରପୁର ଟିମ କୁ ପରାସ୍ତ କରିଛି । ଗୋପାଳପୁର ୪୭/୮ ରେ ବ୍ରହ୍ମପୁର କୁ ହରାଇ ବିଜୟ ହୋଇଥିଲା ।ଯୁବ ଗୋଷ୍ଠି ମାନେ ଖେଳ ପଦର୍ଶନ କରି ଖେଳୁଆଡ଼ ମନଭାବ ଦେଖାଇଥିଲେ । ଆଜିର ଏମ୍ପାୟର ରୂପେ ହେମକାନ୍ତ ବେହେରା, ସ୍କୋର ର ଭାବେ ଶୁଭମ ନାୟକ, ରହିଥିବା ବେଳେ ସଂଗ୍ରାମ ଚୌଧୁରୀ, ଲିଙ୍ଗରାଜ ନାୟକ, ଗଣେଶ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ଇଫକୋ ପକ୍ଷରୁ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ




ପାରାଦୀପ(ମହାଭାରତ): ଇଫକୋ ପାରାଦୀପ ୟୁନିଟ ତାର କର୍ମଚାରୀ, ଶ୍ରମିକ, କମ୍ପାନୀରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ସମେତ ପାରିପାର୍ଶ୍ୱିକ ଗ୍ରାମ ଓ ଜନସାଧାରଣ ଙ୍କୁ ଆପତକାଳୀନ ବିପର୍ଯ୍ୟୟ ଓ ଆମୋନିଆ ଗ୍ୟାସ ଲିକେଜ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରିଆସୁଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଏବଂ ଜିଲ୍ଲା ଆପତକାଳୀନ ନିଷ୍ପତି କ୍ରମେ ଇଫକୋ ପକ୍ଷରୁ ଏକ ଆମୋନିଆ ଗ୍ୟାସ ଲିକେଜ, ଗୃହ ସୁରକ୍ଷା, ଅଗ୍ନିକାଣ୍ଡ ଓ ସଡ଼କ ସୁରକ୍ଷା ସତର୍କତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଭୁତମୁଣ୍ଡାଇ ସ୍ଥିତ ଭୂତେଶ୍ୱର ମନ୍ଦିର ପରିସରରେ ସୋମବାର ଦିନ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ସରପ□, କୃଷକ ସାଥୀ, ଗ୍ରାମବାସୀ, ଏସଏଚଜି ସଦସ୍ୟ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି ସଦସ୍ୟ ଙ୍କ ସମେତ ପ୍ରାୟ ୩ ଶହ ରୁ ଉର୍ଦ୍ଧ ଅଂଶଗ୍ରହଣକାରୀ ଉତ୍ସାହ ର ସହ ଭାଗ ନେଇଥିଲେ । ଏଥିରେ ସମସ୍ତଙ୍କୁ ଆମୋନିଆ ନିର୍ଗତ ସମୟରେ ପ୍ରତିଷେଧକ ମୂଳକ ବ୍ୟବସ୍ଥା ସମ୍ପର୍କିତ ସଚେତନତା ଲିଫଲେଟ ବା ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା । ଏହି ଅବସରରେ ଇଫକୋ କୋର୍ଡେଟ ର ଅଧକ୍ଷ କୁଳମଣି ମାଝୀ,ଇଫକୋ ଏଫ ଆଣ୍ଡ ଏସ ର ଉପ ପ୍ରବନ୍ଧକ ଏମ.ଆର.ନାୟକ,ପି.ସି.ବିଶ୍ୱାଳ ଏବଂ ଏ.କେ.ଜେନା ଗ୍ୟାସ ଲିକେଜ ଏବଂ ଅନ୍ୟ ଜରୁରୀ କାଳୀନ ପରିସ୍ଥିତିରେ କିପରି ସତର୍କତା ଅବଲମ୍ବନ କରାଯିବ ସେ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ।

## ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସୁଗମ୍ୟ ଯାତ୍ରା ଆୟୋଜନ କରାଯିବ

ଭୁବନେଶ୍ୱର(ମହାଭାରତ): ଭାରତ ସରକାରଙ୍କ ଭିନ୍ନକ୍ଷମ ବ୍ୟକ୍ତି ସଶକ୍ତିକରଣ ବିଭାଗ (ଦିବ୍ୟାଙ୍ଗଜନ) ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟରୁ ପ୍ରାପ୍ତ ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟ ଭିନ୍ନକ୍ଷମ ବ୍ୟକ୍ତି କମିଶନର, ଓଡିଶା, SVNIRTAR ର ସହାୟ ସହଯୋଗରେ ୭.୨.୨୦୨୫ ରେ ରାଜ୍ୟର ସମସ୍ତ ୩୦ ଟି ଜିଲ୍ଲାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ସିନେମା ଘର, ହସ୍ପିଟାଲ, ବଡ଼ ବ୍ୟବସାୟ ପ୍ରତିଷ୍ଠାନ, ପାର୍କ ଏବଂ ଜିଲ୍ଲା ମୁଖ୍ୟାଳୟର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସୁଗମ୍ୟ ଯାତ୍ରା (ଏହାପରେ ସଂକ୍ଷେପରେ ଯାତ୍ରା) ଆୟୋଜନ କରିବାକୁ ପଦକ୍ଷେପ ନେଇଛନ୍ତି। ଏହି ଯାତ୍ରାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ହେଉଛି ଏପରି କୋଠା/ସ୍ଥାନରେ ଭିନ୍ନକ୍ଷମ ବ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସୁଗମ୍ୟ ଯାତ୍ରା (ଏହାପରେ ସଂକ୍ଷେପରେ ଯାତ୍ରା) ଆୟୋଜନ କରିବାକୁ ବ୍ୟକ୍ତିଙ୍କ ସୁଗମ୍ୟତା ବୈଶିଷ୍ଟ୍ୟ ବିଷୟରେ RPwD ଆଇନ, ୨୦୧୬ ରେ ହୋଇଥିବା ବ୍ୟବସ୍ଥା ବିଷୟରେ ଜନସଚେତନତା ବୃଦ୍ଧି କରିବା ଏବଂ ପରବର୍ତ୍ତୀ ସମୟରେ ଏ ସମ୍ପର୍କରେ ଯଦି କୌଣସି ଅଭାବ ଥାଏ, ତେବେ ତାହା ପୂରଣ କରିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉପଯୁକ୍ତ ପ୍ରତିକାରମୂଳକ ପଦକ୍ଷେପ ନେବା। ପ୍ରତ୍ୟେକ ଜିଲ୍ଲାରେ ପ୍ରାରମ୍ଭିକ ଭାବରେ ଦୁଇ ଦିନ ପାଇଁ ଯାତ୍ରା ଯୋଜନା କରାଯାଇଛି। ଜିଲ୍ଲା ମୁଖ୍ୟାଳୟର କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ କଭର କରିବା ପାଇଁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ (DSSO)ଙ୍କ ନେତୃତ୍ୱରେ ହାରାହାରି ୨-୩ଟି ଦଳ ଗଠନ କରାଯାଇଛି ।ସମଗ୍ର ରାଜ୍ୟରେ ପ୍ରାୟ ୭୦ଟି ଦଳ ଗଠନ କରାଯାଇଛି ଏବଂ ଯାତ୍ରା ପରିଚାଳନା ପାଇଁ ଯାନବାହାନ ଏବଂ ଅନ୍ୟାନ୍ୟ ଜିନିଷ ଯୋଗାଇ ଦିଆଯାଉଛି। ଯାତ୍ରାକୁ ସକାରାତ୍ମକ ଏବଂ ଫଳପ୍ରଦ ଭାବରେ ପରିଚାଳନା କରିବା ପାଇଁ ଦଳର ସଦସ୍ୟମାନଙ୍କୁ ଆବଶ୍ୟକୀୟ ତାଲିମ ଦିଆଯାଇଛି ।ଏହି ଯାତ୍ରାକୁ ୭.୨.୨୦୨୫ ସକାଳ ୧୧.୦୦ ଟାରେ ସତ୍ୟନଗର, ଭୁବନେଶ୍ୱରର ତୋଷାଳି ଭବନରେ ଅବସ୍ଥିତ SCPD, ଭୁବନେଶ୍ୱରର କାର୍ଯ୍ୟାଳୟରୁ ମାନ୍ୟବର ସାମାଜିକ ସୁରକ୍ଷା ଏବଂ ଦିବ୍ୟାଙ୍ଗମାନଙ୍କ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗୋଣ୍ଡ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।ରାଜ୍ୟ ମୁଖ୍ୟାଳୟ ଭୁବନେଶ୍ୱରରେ SSSO, ଖୋର୍ଦ୍ଧାର ନେତୃତ୍ୱରେ ପ୍ରତି ଦଳରେ ୫-୬ ଜଣ (ଅତି କମରେ ଜଣେ ନିର୍ଦ୍ଦିଷ୍ଟ ଅକ୍ଷମତା ଥିବା ବ୍ୟକ୍ତି ସମେତ) ଙ୍କୁ ନେଇ ତିନୋଟି ଦଳ ଗଠନ କରାଯାଇଛି, ଯେଉଁଠାରେ ଦିବ୍ୟାଙ୍ଗମାନଙ୍କ ପାଇଁ ପ୍ରବେଶଯୋଗ୍ୟତା ବିଷୟରେ ଜ୍ଞାନ ଅଛି। ଏହି ଉଦ୍ଦେଶ୍ୟରେ ସରକାରୀ କାର୍ଯ୍ୟାଳୟ ଏବଂ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ସ୍ଥାନଗୁଡ଼ିକୁ କଭର କରିବା ଏବଂ ଏହି ଉଦ୍ଦେଶ୍ୟରେ ଡିଜାଇନ୍ କରାଯାଇଥିବା ନିର୍ଦ୍ଦିଷ୍ଟ ଆପ୍ରେ ସ୍ଥାନଗୁଡ଼ିକର ଫଟୋ ଉଠାଇବା ପାଇଁ ଏହି ଦଳ ଗଠନ କରାଯାଇଛି। ଶ୍ରୀମତୀ ବ୍ରତତୀ ହରିଚନ୍ଦନ, SCPD, ଓଡ଼ିଶା, ଡକ୍ଟର ପି.ପି. ମହାନ୍ତି, ନିର୍ଦ୍ଦେଶକ, SVNIRTAR, ଶ୍ରୀମତୀ ଆର. ଜାନି, ଅତିରିକ୍ତ ସଚିବ ଏବଂ ଶ୍ରୀ ସନ୍ୟାସାଇ ବେହେରା, ଉପ-ସଚିବ, SSEPD ବିଭାଗ, ଓଡ଼ିଶା ସରକାର,ହେଲ୍ପ-ଡେସ୍କ ସଦସ୍ୟ, ମମତା ସିଂହ, ରାଜ୍ୟ ପ୍ରକଳ୍ପ ପରିଚାଳିକା ଏବଂ ସେ□ର ଫର୍ ଆଡଭୋକେସି ଆଣ୍ଡ୍ ରିସର୍ଚ୍ଚର ଦଳର ସଦସ୍ୟ ଏବଂ କିଛି ପିଡବ୍ଲୁଡି କର୍ମଚାରୀ ଉପସ୍ଥିତ ଥିଲେ ଏବଂ ମିଳିତ ଭାବରେ ପ୍ରକ୍ରିୟାକୁ ସହଜ କରିଥିଲେ।

## ୫୦ ତମ ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ



ଦାନଗଦି: (ମହାଭାରତ): ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ହରେ ହରେ ରାମ ହରେ ରାମ ରାମ ରାମ ହରେ ହରେ, ସଭିଙ୍କ ମନରେ ଶ୍ରଦ୍ଧାପୂର୍ଣ୍ଣ ଭକ୍ତି ଭାବ ଜାଗୃତ କରିବା ଓଡ଼ିଆ ସଂସ୍କୃତି ପରମ୍ପରା କୁ ବଞ୍ଚାଇରଖିବା ଆଧ୍ୟାତ୍ମିକ ଭାବନା ସଭିଙ୍କ ମନରେ ଶ୍ରଦ୍ଧା ପୂର୍ବକ ଭରି ଜାଗୃତକରି ହିନ୍ଦୁ ଧର୍ମର ଗ୍ରଂ ବେଦ ପାଠକୁ ଅଧ୍ୟୟନ କରି ଜୀବନରେ ଶାନ୍ତି ପୂର୍ଣ୍ଣ କରିବା ସନାତନ ଧର୍ମର ପରମ୍ପରା, ଓଡ଼ିଆ ସଂସ୍କୃତି ପରମ୍ପରା କୁ ବଞ୍ଚାଇ ରଖିଲେ ନିଶ୍ଚିତ ସଭିଏ ସୁଖମୟ ଜୀବନ ଅତିବାହିତ କରିଥାନ୍ତି, ସେଥିଲାଗି ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ କରାଯାଏ, ସାରଙ୍ଗପୁର ଗ୍ରାମରେ ୫୦ ତମ ଅଷ୍ଟପ୍ରହରୀ ନାମ ଯଜ୍ଞ ପାଳନ ହୋଇଯାଇଛି, ପଚାଶ ବର୍ଷ ଧରି ଏ ଅନୁଷ୍ଠାନ ଚାଲିରହିଥିବାବେଳେ , ସାରଙ୍ଗପୁର ଗ୍ରାମରେ ଭାଇଚାରା ଯୋଡିବା ସନାତନ ଧର୍ମର ପ୍ରଚାରପ୍ରସାର ଓ ହରିଭକ୍ତ ବୃନ୍ଦ ଙ୍କ ସମାଗମ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷମାନେ ଅଷ୍ଟପ୍ରହର ଉତ୍ସବରେ ସାମିଲ ହୋଇଥିଲେ। ସଭିଙ୍କ ସହେଜୋଗ ରେ ପ୍ରଥମ ଦିନ କଳସ ଯାତ୍ରା ସହ ଦ୍ୱିତୀୟ ଦିନ ଚୈତନ୍ୟ ପ୍ରଭୁଙ୍କ ସଙ୍କୀର୍ତ୍ତନ ମହୋତ୍ସବ ଓ ତୃତୀୟ ଦିନ ଚୈତନ୍ୟ ମହାପ୍ରଭୁଙ୍କ ନଗର ପରିକ୍ରମା କରାଯାଇଥିଲା, ଗ୍ରାମରେ ଭକ୍ତିପୂର୍ଣ୍ଣ ଭାବ ଜାଗୃତ କରାଯାଇଥିଲା, ନାମ ସଙ୍କୀର୍ତ୍ତନ ଉତ୍ସବରେ ସାତଗୋଟି ଗ୍ରାମରୁ ହରି ଭକ୍ତଜନ ଯୋଗଦେଇ ଜଖପୁରା, ବାଲୁଙ୍ଗାବନ୍ଦି, ବାରଗଡ଼ିଆ, କଇଥା ,କେଣ୍ଡୁଡ଼ିପି, ଖରଡ଼ି, ମନୋହର ପୁର , ଗ୍ରାମରୁ ହରିଭକ୍ତ ବୃନ୍ଦ ଯୋଗୋଦାନ କରିଥିଲେ ,ନାମ ସଙ୍କୀର୍ତ୍ତନ ସମାରୋହ ରେ ସାମିଲହୋଇଥିଲେ , ଅନୁଷ୍ଠାନର ର କର୍ମକର୍ତ୍ତା ଶରତ ଚନ୍ଦ୍ର ସାହୁ, ମନ୍ମଥ ସାହୁ, ଅରୁଣ କୁମାର ସାହୁ, ଉମାକାନ୍ତ ଦାସ , ବିଜୟ କୁମାର ସାହୁ,ଅଜୟ ମହାପାତ୍ର, ଅକ୍ଷୟ ପାତ୍ର , ରବୀନ୍ଦ୍ର ସାହୁ,ପ୍ରଶୁରାମ୍ ସାହୁ ,ରଞ୍ଜନ ପୃଷ୍ଟି,ସଞ୍ଜୟ ମହାପାତ୍ର, ମହେଶ୍ୱର ସାହୁ, ପ୍ରହଲ୍ଲାଦ ସାହୁ , ସଞ୍ଜୟ ସାହୁ, ଅଜୟ କୁମାର ସାହୁ ଙ୍କ ସହ ଗ୍ରାମର ସମସ୍ତ ଯୁବବର୍ଗ ଙ୍କ ସାହୋଯୋଗ ରେ ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ସମାରୋହ ସମାପନ ହୋଇଅଛି, ଗ୍ରାମରେ ସୁଖ ସମୃଦ୍ଧି ଶାନ୍ତି ସଭିଙ୍କ ,ମଙ୍ଗଳ ପାଇଁ ତିନି ଦିନ ଧରି ଅଷ୍ଟପ୍ରହରୀ ନାମ ଚାଲୁ ରହିଥିଲା,ଏହି ଅନୁଷ୍ଠାନ ୦୭/୦୨/ ୨୫ ରୁ ଆରମ୍ଭ ହୋଇ ୦୯/୦୨/ ୨୫ ଶେଷହୋଇଥିଲା।

## ମହିଳା ଅଧିକାର ଆଇନ ଏବଂ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା ଚକ୍ର

ଆସିକା (ମହାଭାରତ): ମହିଳା ଅଧିକାର ଆଇନ ଏବଂ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା ଚକ୍ର ସ୍ଥାନୀୟ ସାବିତ୍ରୀ କଲ୍ୟାଣ ମଣ୍ଡପ ଠାରେ ଆସିକା ବ୍ଲକ ସିଡିପିଓ ଇନ୍ଦିରା ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ , ପଞ୍ଚାୟତ ସମିତି ଉପାଧକ୍ଷା ରେଶମା ଦୋରା, ଜିଲ୍ଲାପରିଷଦ ସଦସ୍ୟ ଅନିମା ପରିଡା, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ର ବରିଷ୍ଠ ହିସାବ ରକ୍ଷକ ଗୋପାଳକୃଷ୍ଣ ବେହେରା, ଆସିକା ତାଲୁକ ଆଇନ ସେବା ପ୍ରାଧିକରଣ ର ସଦସ୍ୟ ତଥା ସମ୍ବଳ ବ୍ୟକ୍ତି ମଧୁସ୍ମିତା ନାୟକ, ଜିଲ୍ଲା ସ୍ତରୀୟ ତାଲିମ ଦାତା ହରିହର ପାଢ଼ୀ, ସଖୀ ର ସବିତା ଦଳ ବେହେରା, ସଖୀ ସଦନ ର ଲିପସା ରାଣୀ ଦାଶ, ଗୀତାଞ୍ଜଳି ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଆଲୋଚନା ଚକ୍ର ରେ ମହିଳା ମାନଙ୍କ ଲିଙ୍ଗ ଭିତ୍ତିକ ହିଂସାର ପ୍ରକାର, କାରଣ ଏବଂ ପ୍ରଭାବ, ମହିଳା ମାନଙ୍କ ଲିଙ୍ଗଗତ ଅଧିକାର ଏବଂ ସୁରକ୍ଷା, ଶିକ୍ଷା ଓ ଚାକିରୀର ଅଧିକାର, ପ୍ରଜନନ ଏବଂ ମାତୃ ସ୍ୱାସ୍ଥ୍ୟ ଅଧିକାର, ଅସମାନତା ଏବଂ ଭେଦଭାବ ବିରୋଧୀ ଆଇନ,ରାଜନୀତି ଓ ନିର୍ବାଚନ ଅଧିକାର,ମାନବ ତାସକରି (ନିଷେଧ ଏବଂ ନିୟନ୍ତ୍ରଣ )ଆଇନ ୨୦୨୩, ବାଳକ ଓ ବାଳିକା ମାନଙ୍କ ଯୌନ ଅପରାଧ ରୁ ସୁରକ୍ଷା ଆଇନ ୨୦୧୨, ଯାଦୁ ଶିକାର ଆଇନ ୨୦୧୩, କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କୁ ହିଂସା ୨୦୧୩, ଘରୋଇ ହିଂସା ୨୦୧୫, ଯୌତୁକ ନିରୋଧ ଆଇନ ୧୯୬୧, ବାଲ୍ୟ ବିବାହ ୨୦୦୬, ପୁଅ ପ୍ରାଧାନ୍ୟ ଓ ଲିଙ୍ଗ ପକ୍ଷପାତି ଚୟନ ଆଇନ ୧୯୯୪, ଉପରେ ଆଲୋଚନା ହୋଇଥିଲା । ଏଥି ସହିତ ମହିଳା ମାନଙ୍କ ପାଇଁ ସରକାରୀ ଯୋଜନା ଗୁଡିକ ତଥା ଋଣ ସମ୍ବନ୍ଧୀୟ ଷ୍ଟାଣ୍ଡଅପ ଯୋଜନା,ମୁଦ୍ରା ଯୋଜନା, ମିଶନ ଶକ୍ତି ଋଣ, ଲକ୍ଷ ପତି ଦିଦି ଯୋଜନା, ସୁଭଦ୍ରା, ପ୍ରଜନନ ସ୍ୱାସ୍ଥ୍ୟ ପାଇଁ ଯୋଜନା ଉପରେ ସଚେତନତା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଆଶା, ଅଙ୍ଗନବାଡ଼ି, ସ୍ୱୟଂ ସହାୟକ ମହିଳା, ସ୍ୱେଚ୍ଛାସେବୀ ସଂଗଠନ, ପଂଚାୟତରାଜ ପ୍ରତିନିଧି, ଜିଲ୍ଲା ପରିଷଦ ସଦସ୍ୟ, ମିଡ଼ିଆ ବନ୍ଧୁ, ସଖି ସହେଲି, କଲେଜ ଛାତ୍ରୀ, ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଏହି ବ୍ଲକ ସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅଂଚଳ ପରିଦର୍ଶିକା ଦୀପ୍ତି ଧୋବା,ରଂଯୁକ୍ତା ସ୍ୱାଇଁ, କୁମୁଦିନୀ ପାତ୍ର, ସରସ୍ୱତୀ ଆଚାର୍ଯ୍ୟ, ସଂଯୁକ୍ତା ବେହେରା, ଗୀତାଞ୍ଜଳୀ ଗୌଡ଼, ବିଷ୍ଣୁ ପ୍ରିୟା ଜାନି, ପ୍ରମିଳା ସାହୁ, ମନୋଜ କୁମାର ଜେନା, କିରଣ କୁମାର ସାହୁ, ଶିବାନୀ ରଥ, ଜଗନ୍ନାଥ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ତାଳପଙ୍ଗା ଉପଶାଖାର ବାର୍ଷିକ ସାଧାରଣ ଅଧିବେଶନ ପାଳିତ

କନ୍ଧମାଳ :(ମହାଭାରତ): ଜିଲ୍ଲାର କୁଇ ସମାଜ ସେବା ସମିତି ଗୋଛାପଡା ଶାଖା ଅଧିନରେ କାର୍ଯ୍ୟ କରୁଥିବା ତାଳପଙ୍ଗା ଉପଶାଖାର ଦୁଇ ଦିନ ଧରି ସାଧାରଣ ବାର୍ଷିକ ଅଧିବେଶନ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଛାପଡା ଶାଖା ସଭାପତି ଶ୍ରୀ କୃଷ୍ଣ ଚନ୍ଦ୍ର କହଁର ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ରାଜନୀତି ବିଜ୍ଞାନ ଅଧାପକ ଶ୍ରୀ ଦିଗାମ୍ବର କହଁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାଲାନ୍ଦା ପଡା ସମ୍ମାନୀତ ଅତିଥି ରୂପେ ଆଲୋକ କହଁର ଶାଖା ସମ୍ପାଦକ ଗୋଛାପଡା, ଅର୍ଜୁନ କହଁର ଯୁଗ୍ମ ସମ୍ପାଦକ ଶାଖା ଗୋଛାପଡା, ରଞ୍ଜିତା କହଁର ପୂର୍ବତନ ବ୍ଲକ ଅଧକ୍ଷା ଫିରିଙ୍ଗିଆ ଯୋଗ ଦେଇଥିଲେ । ସଂଗଠନ ର ବାର୍ଷିକ ବିବରଣୀ ଓ ସଂଗଠନର ସୁଦୃଢ ନିମନ୍ତେ ଆଲୋଚନା କରା ଯିବା ସହିତ ଅ□ଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ଗୋଛା ପଡା କୁ କିପରି ନୂତନ ବ୍ଲକ ଦାବି ପୂରଣ କରାଯିବ ସେ ବିଷୟରେ ଆଲୋକପାତ କରାଯାଇଥିଲା । ଏଥିରେ ଗୋଛାପଡା ଶାଖା ଅନ୍ତର୍ଗତ ୯ଟି ଉପଶାଖାର ସଭାପତି ଓ ସମ୍ପାଦକ ସମେତ ଅଞ୍ଚଳର କୁଇ ସମାଜ ପ୍ରେମୀ ଦୁଇ ଶହରୁ ଉର୍ଦ୍ଧ୍ୱ ଲୋକ ଅଂଶଗ୍ରହଣ କରିଥିଲେ।



## ଜିଲ୍ଲାସ୍ତରୀୟ ଇଣ୍ଟରନେଟ ସୁରକ୍ଷା ଦିବସ ପାଳିତ



ଗଜପତି ଜିଲ୍ଲାସ୍ତରୀୟ ଇଣ୍ଟରନେଟ ସୁରକ୍ଷା ଦିବସ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଦିବସରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମିଞ୍ଜ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଏହି ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରତିବର୍ଷ ଫେବୃଆରୀ ଦ୍ୱିତୀୟ ମଙ୍ଗଳବାର ଦିନ ଇଣ୍ଟରନେଟ ସୁରକ୍ଷା ଦିବସ ଭାବରେ ସାର ବିଶ୍ୱରେ ପାଳିତ ହେଉଅଛି। ଏହି ଅବସରରେ ଇ□ରନେଟ ସୁରକ୍ଷା ଦିବସ ବିଷୟବସ୍ତୁ ରହିଥିଲା ଏକ ଭଲ ଇଣ୍ଟରନେଟ ପାଇଁ ଏକାଠି ବିଷୟବସ୍ତୁ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ଚକ୍ରରେ ସମସ୍ତ ଜନସାଧାରଣ ଓ ସରକାରୀ କର୍ମଚାରୀଙ୍କୁ ସଚେତନତା ସୃଷ୍ଟି କରାଯିବ ତଥା ଇଣ୍ଟରନେଟ ସୁରକ୍ଷାର ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସହିତ ସାଇବର ସୁରକ୍ଷା ସଚେତନତା ହେବାର ଆବଶ୍ୟକତା ରହିଛି। ସେହିପରି ଇଣ୍ଟରନେଟ ମାଧ୍ୟମରେ ହେଉଥିବା ବିଭିନ୍ନ ପ୍ରକାର ଠକେଇ ରୁ ସୁରକ୍ଷିତ ରହିବା ପାଇଁ ସଚେତନତା ହେବା ଜରୁରୀ, ଏଣୁ ଏହି ସଂପର୍କରେ ଏକ ଆଲୋଚନା ଚକ୍ରରେ ସାଇବର ଅପରାଧିକ ମାନେ ଟଙ୍କା ଟକେଇ କରନ୍ତି ଯାହା ୟୁପିଆଇ ପେମେ□ ଠକେଇ, କ୍ୟୁଆର କୋଡ୍ ସ୍କାନ୍ ଠକେଇ, ପାର୍ସେଲ ନାଁ ରେ ଠକେଇ, କୌନ ବନେଗା କରୋଡପତି ଭଳି ଅପରାଧିକ ଲଟେରୀ ସ୍କାମ ଜରିଆରେ ଠକେଇ, ମୋବାଇଲ୍ ଆପଲିକେସନ୍ , ଅନଲାଇନ୍ ବ୍ୟାଙ୍କିଙ୍ଗ ଓ ଇଣ୍ଟରନେଟ ଫ୍ରୀ-ରିଚାର୍ଜ ପ୍ରମୁଖ ଠକେଇ ସଂପର୍କରେ ଅବଗତ କରାଇବା ସହିତ ଠକେଇରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଉପାୟ ଓ କୌଶଳ ଅବଲମ୍ବନ କରିବା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଆଲୋଚନା ଚକ୍ରରେ ଜିଲ୍ଲା ରାଷ୍ଟ୍ରୀୟ ସୂଚନା ବିଜ୍ଞାନ ଅଧିକାରୀ ଶ୍ରୀ ଟି. ବାଲ କୃଷ୍ଣା ମୂ□ ଓ ସହାୟକ ସୂଚନା ବିଜ୍ଞାନ ଅଧିକାରୀ ଶ୍ରୀ ରାଜ ଆନନ୍ଦ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତି ଭାବରେ ପରିଚାଳନା କରିଥିଲେ।

## ସରବତୀ ଦେବୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ରାଜଗାଙ୍ଗପୁର(ମହାଭାରତ) ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ସହରରେ ସରବତୀ ଦେବୀ ମହିଳା ମହାବିଦ୍ୟାଳୟର ୩୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଡ଼ ସସ୍ମିତା ଲେଙ୍କା ମହୋଦୟାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ , ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଚେତନ ଶ୍ରୀବାସ୍ତବ , କାର୍ଯ୍ୟକାରୀ ନିର୍ଦ୍ଦେଶକ, ଡାଲମିଆ ସିମେ□ ଭାରତ ଲିମିଟେଡ ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଗୌରିଶଙ୍କର ଅଗ୍ରୱାଲ , ଓ ହରିଶଙ୍କର ଅଗ୍ରୱାଲ ମହାବିଦ୍ୟାଳୟର ମୁଖ୍ୟ ପୃଷ୍ଠପୋଷକ , ଯୋଗଦେଇ ଛାତ୍ରୀମାନଙ୍କୁ ଶୃଙ୍ଖଳାର ସହିତ ଅଧ୍ୟୟନ କରି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ପାଓ୍ୱାଲାଲ ଅଗ୍ରୱାଲ ଏବଂ ସ୍ୱର୍ଗତ ସରବତୀ ଦେବୀଙ୍କ ଭବ୍ୟ ପ୍ରତିମୂର୍ତ୍ତିର ଉଦ୍ଘାଟନ ହୋଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଅଧକ୍ଷା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଏବଂ ଓଛଇଉ ସଂଯୋଜକ ଶ୍ରୀଯୁକ୍ତ ସପନ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ମହାବିଦ୍ୟାଳୟର ପୃଷ୍ଠପୋଷକ ସ୍ୱର୍ଗତ ପଓ୍ୱା ଲାଲଙ୍କ ଅବଦାନ ସମ୍ପର୍କରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ଶ୍ରୀଯୁକ୍ତ ଗୌରୀ ଶଙ୍କର ଅଗ୍ରୱାଲ , ମହାବିଦ୍ୟାଳୟର ମୁଖ୍ୟ ପୃଷ୍ଠପୋଷକ , ଛାତ୍ରୀଙ୍କୁ ସରକାରଙ୍କ ତରଫରୁ ମିଳୁଥିବା ସୁବିଧା ସୁଯୋଗକୁ ହାତଛଡ଼ା ନ କରି ଅଧିକରୁ ଅଧିକ ସଫଳ ହେବା ପାଇଁ ଚେଷ୍ଟା କରିବ ବୋଲି କହିଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଚେତନ ଶ୍ରୀବାସ୍ତବ ମହିଳା ସଶକ୍ତିକରଣର ଅନେକ ଜ୍ୱଳନ୍ତ ଉଦାହରଣମାନ ଦେଇ ଛାତ୍ରୀଙ୍କୁ ନିଜ ପରିଚୟ ସୃଷ୍ଟି କରିବା ନିମନ୍ତେ ପ୍ରେରଣା ପ୍ରଦାନ କରିଥିଲେ। ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ମାନପତ୍ର ଓ ମେଡାଲ ଅତିଥିମାନେ ପ୍ରଦାନ କରିଥିଲେ। ଅତିଥିଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଶେଷରେ ଛାତ୍ରୀଙ୍କ ଦ୍ୱାରା ଆୟୋଜିତ ମନୋରଞ୍ଜନ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ହୋଇଥିଲା । ଏହି କାର୍ଯ୍ୟକ୍ରମଟିର ପରିଚାଳନା ସୁଶ୍ରୀ ସୁପ୍ରିୟା ନନ୍ଦ କରିଥିବା ବେଳେ ଛାତ୍ରୀ ପ୍ରତିନିଧି ସୁଶ୍ରୀ ଚନ୍ଦ୍ରିକା ଲାକ୍ରା ମହାବିଦ୍ୟାଳୟର ବିବରଣୀ ଉପସ୍ଥାପନ କରିଥିଲା। ଅଧ୍ୟାପିକା ଆକାଂକ୍ଷା ଲାକ୍ରା ଧନ୍ୟବାଦ୍ ଅର୍ପଣ କରିଥିଲେ । ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଶ୍ରୀଯୁକ୍ତ ପଓ୍ୱା ଲାଲ ଅଗ୍ରୱାଲ ଏବଂ ସ୍ୱର୍ଗତ ଶ୍ରୀମତୀ ସରବତୀ ଦେବୀଙ୍କ ସମସ୍ତ ପରିବାର ବୃନ୍ଦ , ଅଧ୍ୟାପକ ଅଧ୍ୟାପିକା , କର୍ମଚାରୀ ବୃନ୍ଦ, +୨ , +୩ ର ସମସ୍ତ ଛାତ୍ରୀ ସମେତ ଗଣମାଧ୍ୟମର ସଦସ୍ୟ , ପୋଲିସ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ।

# ଗାଜା କବଜା ଲାଗି ଟ୍ରମ୍ପଙ୍କ ଯୋଜନା

**କାଇରୋ,୧୧।୨(ଏଜେନ୍ସି):** ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ଅସ୍ତ୍ରବିରତି ସମୟରେ ଡୋନାଲ୍ଡ ଟ୍ରମ୍ପ ଏକ ଘୋଷଣା କରି ସମସ୍ତଙ୍କୁ ଚକିତ କରିଛନ୍ତି । ଟ୍ରମ୍ପ ଗାଜାକୁ ନିଜ ନିୟନ୍ତ୍ରଣକୁ ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଏହାକୁ ନେଇ କେବଳ ଆମେରିକାର ସହଯୋଗୀ ଦେଶ ନୁହେଁ, ପାଲେଷ୍ଟାଇନ୍ ସମର୍ଥକମାନେ ମଧ୍ୟ କ୍ଷୁବ୍ଧ ହୋଇଛନ୍ତି । ଟ୍ରମ୍ପଙ୍କ ଉଦ୍ଦେଶ୍ୟ ଜାଣିବା ପରେ ପଡ଼ୋଶୀ ଦେଶ ପାଲେଷ୍ଟାଇନ ଇଜିପ୍ଟ ଗାଜା ଉପରେ ଏକ ଜରୁରୀକାଳୀନ ଆରବ ଶିଖର ସମ୍ମିଳନୀ ଡାକିବାକୁ ଆହ୍ୱାନ ଦେଇଛି । ଏଥିରେ ସମସ୍ତ ଦେଶ ମିଳିତ ଭାବେ ଗାଜାକୁ ନିଜ ନିୟନ୍ତ୍ରଣକୁ ନେବା ପାଇଁ ଟ୍ରମ୍ପଙ୍କ ଯୋଜନାକୁ ବିରୋଧ କରିପାରିବେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗାଜା ଉପତ୍ୟକାରୁ ପାଲେଷ୍ଟାଇନୀମାନଙ୍କୁ ଅନ୍ୟତ୍ର ଥଇଥାନ କରିବାକୁ ପ୍ରସ୍ତାବ ଦେବା ପରେ ଇଜିପ୍ଟ ଫେବୃଆରୀ ୨୭ରେ ଏକ ଜରୁରୀକାଳୀନ ଆରବ ଶିଖର ସମ୍ମିଳନୀ ଆୟୋଜନ କରିବ ବୋଲି ରବିବାର ଘୋଷଣା କରିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗାଜା ଉପତ୍ୟକାରୁ ପାଲେଷ୍ଟାଇନୀମାନଙ୍କୁ ଅନ୍ୟତ୍ର ଥଇଥାନ କରିବାକୁ ପ୍ରସ୍ତାବ ଦେବା ପରେ ଇଜିପ୍ଟ ଫେବୃଆରୀ ୨୭ରେ ଏକ ଜରୁରୀକାଳୀନ ଆରବ ଶିଖର ସମ୍ମିଳନୀ ଆୟୋଜନ କରିବ ବୋଲି ରବିବାର ଘୋଷଣା କରିଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ହ୍ୱାଇଟ୍ ହାଉସରେ ଗତ ସପ୍ତାହରେ ଏକ ବୈଠକରେ ଟ୍ରମ୍ପ ଦେଇଥିବା ପରାମର୍ଶ ୱାଶିଂଟନର ପ୍ରମୁଖ ସହଯୋଗୀ ଇଜିପ୍ଟ, ଜୋର୍ଡାନ ଏବଂ ସାଉଦି ଆରବ ସମେତ ଆରବ ଜଗତକୁ କ୍ରୋଧିତ କରିଛି ।



# ଇସ୍ତଫା ଦେଲେ ରୋମାନିୟ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):** ରୋମାନିଆ ଦେଶର ରାଷ୍ଟ୍ରପତି କ୍ଲାଉସ୍ ଆଇଓହାନିସ୍ ସୋମବାର ଇସ୍ତଫା ପ୍ରଦାନ କରିଛନ୍ତି। ବିପକ୍ଷ ଦଳ ପକ୍ଷରୁ ପଡୁଥିବା ଚାପ ଆଗରେ ଶେଷରେ ହାର ମାନିଛନ୍ତି ଏହି ରୋମାନିୟ ରାଷ୍ଟ୍ରପତି । ରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟା ରଦ୍ଦ କରିବାକୁ ସର୍ବୋଚ୍ଚ ଅଦାଲତ ଆଦେଶ ଦେବାର ଦୁଇମାସ ପରେ ସେ ଏହି ନିଷ୍ପତ୍ତି ନେଇଥିବା ଜଣାପଡିଛି । ଦେଶକୁ ସଂକଟରୁ ମୁକ୍ତ କରିବାକୁ ମୁଁ ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଛି । ଆସନ୍ତା ୧୨ ଫେବୃଆରୀ ମାସରେ ମୁଁ ଏହି ପଦ ଛାଡିଦେବି ବୋଲି କ୍ଲାଉସ୍ ଘୋଷଣା କରିଛନ୍ତି । କ୍ଲାଉସ୍ ଆଇଓହାନିସ୍ ୨୦୧୪ ମସିହାରୁ ରାଷ୍ଟ୍ରପତି ଭାବରେ କାର୍ଯ୍ୟ କରିଆସୁଛନ୍ତି । ସେ ଦୁଇଥର ପାଞ୍ଚ ବର୍ଷ କାର୍ଯ୍ୟ କରିଥିଲେ। କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଦେବାର ଦୁଇ ଦିନ ପୂର୍ବରୁ ସାମ୍ବିଧାନିକ ଖଣ୍ଡପୀଠ ରାଷ୍ଟ୍ରପତି ନିର୍ବାଚନକୁ ରଦ୍ଦ କରିବା ପରେ ଡିସେମ୍ବର ମାସରେ ତାଙ୍କର କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା । ଏହାପୂର୍ବରୁ ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ରାଜନେତା କାଲିନ ଜର୍ଜେସ୍କୁ ଆଗାମୀ ରାଷ୍ଟ୍ରପତି ପାର୍ଥି ଭାବେ ଆଗକୁ ଆସିଥିଲେ । ଏହା ପରେ ଋଷର ହସ୍ତକ୍ଷେପ ଏବଂ ନିର୍ବାଚନରେ ଉଲ୍ଲଂଘନ ଅଭିଯୋଗ ଆସିଥିଲା । ଆଇଓହାନିସ୍ ଅଭିଯୋଗ କରିଛନ୍ତି ଯେ ରାଷ୍ଟ୍ରପତି ନିର୍ବାଚନ ସମୟରେ ରୋମାନିଆ ଉପରେ ଋଷର ଆକ୍ରମଣର ଲକ୍ଷ୍ୟ ପାଲଟିଛି । ଏହା ପରେ ଦକ୍ଷିଣପନ୍ଥି ବିରୋଧୀ ଦଳ ଆଲାଇନ୍ସ ଫର୍ ୟୁନିଟି ଅଫ୍ ରୋମାନିଆନ୍ (AUR), ଜାତୀୟତାବାଦୀ ଏସ୍ଓଏସ୍ ଦଳ ଓ ୟଙ୍ଗ୍ ପିପୁଲ୍ସ ଦଳ, ସେଭ୍ ରୋମାନିଆ ୟୁନିଅନ୍ ଦଳର କିଛି ସଦସ୍ୟ ସଂସଦରେ ଦାଖଲ ହୋଇଥିବା ଏକ ପ୍ରସ୍ତାବ ମାଧ୍ୟମରେ ଆଇଓହାନିସ୍ ଙ୍କୁ ହଟାଇବାକୁ ଦାବି କରିଥିଲେ। ଏହାସହ ଶାସକ ଦଳରର କିଛି ସାଂସଦ ମଧ୍ୟ ଆଇଓହାନିସ୍ଙ୍କ ବିରୋଧରେ ଭୋଟ୍ ଦେବେ ବୋଲି ଆଶା କରାଯାଉଥିଲା । କିନ୍ତୁ ଏହା ପୂର୍ବରୁ ପଛକୁ ହଟିଯାଇଛନ୍ତି ଆଇଓହାନିସ୍ । ଆଇଓହାନିସ୍ କହିଛନ୍ତି ଏହା ଏକ ଅଦରକାରୀ ପ୍ରୟାସ । କାରଣ ଯେ କୈଣସି ପରିସ୍ଥିତିରେ ମୁଁ ନୂତନ ରାଷ୍ଟ୍ରପତି ନିର୍ବାଚନ ହେବାର କିଛି ମାସ ମଧ୍ୟରେ ଇସ୍ତଫା ପ୍ରଦାନ କରିଥାନ୍ତି । ଏହା ଏକ ଭିତ୍ତିହୀନ ପଦକ୍ଷେପ । କାରଣ ମୁଁ ଆଜିଯାଏ କେବେବି ସମ୍ବିଧାନର ଉଲ୍ଲଂଘନ କରି ନାହିଁ ବୋଲି ସେ କହିଛନ୍ତି ।



# ମହାକୁମ୍ଭରେ ପ୍ରବଳ ଭିଡ଼କୁ ନେଇ ସରକାରଙ୍କୁ ସମାଲୋଚନା କଲେ ଅଖିଳେଶ ଯାଦବ

**ପ୍ରୟାଗରାଜ,୧୧।୨(ଏଜେନ୍ସି):** ଚଳିତ ମହାକୁମ୍ଭରେ ଯୋଗଦେବା ପାଇଁ ଲକ୍ଷ ଲକ୍ଷ ଭକ୍ତ ଏବେ ବି ପ୍ରୟାଗରାଜକୁ ଯାଉଥିବା ବେଳେ ଭୟଙ୍କର ଟ୍ରାଫିକ ଜାମ୍ ଯୋଗୁ ସହର ଅଚଳ ହୋଇପଡ଼ିଛି। ଶ୍ରଦ୍ଧାଳୁମାନେ ବୁଡ଼ ପକାଇବାକୁ ଭକ୍ତି ଭାବରେ ଧାଇଁ ଆସିଥିବା ବେଳେ ଠିକ୍ ସମୟରେ କିନ୍ତୁ ତ୍ରିବେଣୀ ସଂଗମରେ ପହଞ୍ଚି ପାରୁନାହାନ୍ତି । ଅତ୍ୟଧିକ ଭିଡ଼ ଯୋଗୁ ପ୍ରୟାଗରାଜ ସଂଗମ ରେଳ ଷ୍ଟେସନକୁ ମଧ୍ୟ ଶୁକ୍ରବାର ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି । ଏଭଳି ଅବ୍ୟବସ୍ଥା ପାଇଁ ଉତ୍ତରପ୍ରଦେଶ ସରକାରଙ୍କୁ ସମାଲୋଚନା କରିଛନ୍ତି ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ । ସେ କହିଛନ୍ତି, ''ଟ୍ରାଫିକ୍ ଜାମ୍ରେ ଫସି ରହିଥିବା ଭୋକିଲା, ଶୋଷିଲା, ଯନ୍ତ୍ରଣାଗ୍ରସ୍ତ ଓ କ୍ଳାନ୍ତ ତୀର୍ଥଯାତ୍ରୀଙ୍କୁ ମାନବିକ ଦୃଷ୍ଟିକୋଣରୁ ଦେଖିବା ଉଚିତ । ସାଧାରଣ ଭକ୍ତମାନେ କ'ଣ ମଣିଷ ନୁହଁନ୍ତି ?ରବିବାର ଦିନ, ତୀର୍ଥଯାତ୍ରୀଙ୍କ ସୁବ୍ୟବସ୍ଥିତ ଯାତ୍ରା ପାଇଁ ପୁଲିସ ବ୍ୟାରିକେଡ୍ ଲଗାଇବା ସମୟରେ ଶହ ଶହ ଯାନବାହନ ସଂଗମ ରାସ୍ତାରେ ଧାଡ଼ିରେ ଠିଆ ହୋଇ କଇଁଛ ଗତିରେ ଯାଉଥିବାର ଦେଖାଯାଇଥିଲା । ରାସ୍ତାଟି ସିଭିଲ୍ ଲାଇନ୍ସକୁ ସଂଯୋଗ କରେ।ମଧ୍ୟପ୍ରଦେଶର ମୈହାର ପୁଲିସ କହିଛି ଯେ ପ୍ରୟାଗରାଜ ଆଡକୁ ଯିବା ଅସମ୍ଭବ। କାରଣ ସେଠାରେ ୨୦୦-୩୦୦ କିଲୋମିଟର ଟ୍ରାଫିକ ଜାମ୍ ଅଛି ।ଜାନୁଆରୀ ୧୩ ତାରିଖରେ ମହାକୁମ୍ଭ ଆରମ୍ଭ ହେବା ପରଠାରୁ, ୪୩ କୋଟିରୁ ଅଧିକ ଶ୍ରଦ୍ଧାଳୁ ସଙ୍ଗମରେ ପବିତ୍ର ବୁଡ଼ ପକାଇଛନ୍ତି । ରବିବାର ଦିନ ଅଖିଳେଶ ଯାଦବ ପ୍ରୟାଗରାଜର ଟ୍ରାଫିକ୍ ପରିସ୍ଥିତି ଉପରେ ଆଲୋକପାତ କରି ଅନେକ ଟ୍ୱିଟ୍ ପୋଷ୍ଟ କରିଥିଲେ ଏବଂ ଫସି ରହିଥିବା ତୀର୍ଥଯାତ୍ରୀଙ୍କ ପାଇଁ ତୁରନ୍ତ ଜରୁରୀକାଳୀନ ବ୍ୟବସ୍ଥା କରିବାକୁ ଉତ୍ତର ପ୍ରଦେଶ ସରକାରଙ୍କୁ ଆହ୍ୱାନ କରିଥିଲେ ।

# ପଞ୍ଜାବ ବିଧାୟକଙ୍କ ସହ ବୈଠକ ଡାକିଲେ କେଜ୍ରିୱାଲ୍

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ ଆଦମୀ ପାର୍ଟି (ଆପ)ର ଶୋଚନୀୟ ପରାଜୟ ପରେ ଦଳର ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ୍ ପଞ୍ଜାବର ଆପ୍ ବିଧାୟକ ଓ ମନ୍ତ୍ରୀମାନଙ୍କୁ ନେଇ ଏକ ବୈଠକ ଡାକିଛନ୍ତି । ପଞ୍ଜାବ ହେଉଛି ଦଳ କ୍ଷମତାରେ ଥିବା ଏକମାତ୍ର ରାଜ୍ୟ । କଂଗ୍ରେସ ଦଳ ପ୍ରାୟ ୩୦ ଜଣ ଆପ୍ ବିଧାୟକଙ୍କ ସହ ଯୋଗାଯୋଗରେ ଅଛି ବୋଲି ଦାବି କରିବା ପରେ ଆପ୍ ଏହି ବେଠକ ଡକାଇଛି । ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ଉପରେ ପ୍ରତିକ୍ରିୟା ଦେଇ ପଞ୍ଜାବର ବିରୋଧୀ ଦଳ ନେତା ପ୍ରତାପ ସିଂହ ବାଜୱା ଦାବି କରିଛନ୍ତି ଯେ ସେ ରାଜ୍ୟର ଆପର ବିଧାୟକମାନଙ୍କ ସହିତ ଦୀର୍ଘ ସମୟ ଧରି ଯୋଗାଯୋଗରେ ଅଛନ୍ତି । ଦିଲ୍ଲୀରେ ପ୍ରାୟ ୨୭ ବର୍ଷ ପରେ ବିଜେପି କ୍ଷମତାକୁ ଆସିଛି । ଏହି ପରାଜୟ ସହ ଆପରେ ୧୦ ବର୍ଷର ଶାସନ ସମାପ୍ତ ହୋଇଛି । ଏପଟେ ବିରୋଧୀ ନେତାମାନେ ପଞ୍ଜାବରେ ଆପର ସମ୍ଭାବ୍ୟ ବିଭାଜନ ଏବଂ ରାଜ୍ୟ ସରକାରରେ ପୁନର୍ଗଠନ ପୂର୍ବାନୁମାନ କରିଛନ୍ତି ।୨୦୨୨ ମସିହାରେ ପଞ୍ଜାବରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଆପ୍ ୧୧୭ ଆସନରୁ ୯୨ଟି ଆସନ ଜିତି କଂଗ୍ରେସଠାରୁ କ୍ଷମତା ଛଡ଼ାଇ ନେଇଥିଲା । କଂଗ୍ରେସ ୧୮ଟି ଆସନ ଜିତିଥିଲା ।

# ହର୍ବାଲାଇଫ୍ ଇଣ୍ଡିଆ ଆଇଆଇଟି ମାଡ୍ରାସ ସହିତ ମିଳିତ ସହଭାଗୀତା

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):** ହର୍ବାଲାଇଫ୍ ଯାହାକି ଏକ ପ୍ରିମିୟର ସ୍ୱାସ୍ଥ୍ୟ ଏବଂ ନିରୋଗକାରୀ କମ୍ପାନୀ ଗୋଷ୍ଠୀ ଏବଂ ମଂଚ ଅଟେ ଏହାର ହର୍ବାଲାଇଫ୍ ସିଏସଆର ପଦକ୍ଷେପ ଅନ୍ତର୍ଗତ ଆଇଆଇଟି ମାଡ୍ରାସ ସହିତ ଏହାର କ୍ୟାମ୍ପସରେ ଏକ ହର୍ବାଲାଇଫ୍-ଆଇଆଇଟିଏମ ପ୍ଲାଂଟ ସେଲ ଫର୍ମେଂଟସନ ଟେକ୍ନୋଲଜି ଲ୍ୟାବ ପ୍ରତିଷ୍ଠା ନିମନ୍ତେ ଏକ ବୁଝାମଣାପତ୍ରରେ ଦସ୍ତଖତ କରିବାକୁ ଯାଉଛି। ଏହି ବୁଝାମଣାପତ୍ର ସମାରୋହରେ ମାଡ୍ରାସ ଆଇଆଇଟି ପରିସରରେ ଅନୁଷ୍ଠିତ ଉତ୍ସବରେ ଯେଉଁ ମାନ୍ୟଗଣ ବ୍ୟକ୍ତି, ଶିକ୍ଷାବିତ୍, ଗବେଷକ, ବୈଜ୍ଞାନିକ ତଥା ଉଚ୍ଚାଧିକାରୀ ଉପସ୍ଥିତ ଥିଲେ ସେମାନେ ହେଲେ- ଅଜୟ ଖାନ୍ନା, ପରିଚାଳନା ନିର୍ଦ୍ଦେଶକ, ହର୍ବାଲାଇଫ୍ ଇଣ୍ଡିଆ, ପ୍ରଫେସର ଅଶ୍ୱିନୀ ମହାଲିଙ୍ଗମ୍, ଡ଼ିନ-ଆଲୁମିନି ଏବଂ କର୍ପୋରେଟ ବ୍ୟାପାର ଆଇଆଇଟି ମାଡ୍ରାସ ତଥା ଆଇଆଇଟିଏମ କୁ ପ୍ରତିନିଧିତ୍ୱ କରୁଥିବା ସମ୍ମାନନୀୟ ସଦସ୍ୟ ମଣ୍ଡଳୀ।

ଭାରତ ସରକାରଙ୍କ ବାୟୋ-ଇ୩ ନୀତି ସହିତ ମିଳିତ ସହଯୋଗରେ ଏହାର ଲକ୍ଷ୍ୟ ବାୟୋ-ଉତ୍ପାଦନ କ୍ଷେତ୍ରରେ ଭାରତକୁ ଏକ ବିଶ୍ୱସ୍ତରୀୟ ହବରେ ପ୍ରତିଷ୍ଠା କରିବା ସହିତ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ଦୂରଦୃଷ୍ଟିତାର ସ୍ୱପ୍ନକୁ ସାକାର କରିବା। ନବୀକରଣ, ଦକ୍ଷତା ପ୍ରତିଷ୍ଠା ଏବଂ ନିରୋଗ କ୍ଷେତ୍ରରେ ଶିଳ୍ପ ମିଳିତ ସହଯୋଗ ତଥା ଉଦ୍ୟୋଗତାକୁ ଆହୁରି ବୃଦ୍ଧି କରିବା ପାଇଁ ପ୍ରତିଷ୍ଠା ହେବାକୁ ଥିବା ଏହି ପରୀକ୍ଷାଗାର ଏକ ତ୍ୱରାନ୍ୱିତକାରୀ ପ୍ରକ୍ରିୟା ଭାବରେ ସେବା ପ୍ରଦାନ କରିପାରିବ।

ଉତ୍କୃଷ୍ଟତାର କେନ୍ଦ୍ର ଭାବରେ ଏହି ହର୍ବାଲାଇଫ ଉଦ୍ଭିଦ କୋଷ, ଅମ୍ଳୀକରଣ ପ୍ରଯୁକ୍ତିବିଦ୍ୟା ପରୀକ୍ଷାଗାର, ଯେଉଁ ଦିଗ ପ୍ରତି ସବୁଠାରୁ ଅଧିକ ଦୃଷ୍ଟି ଦେବାକୁ ଯାଉଛି ତାହା ହେଉଛି, ଉଚ୍ଚମାନର ଔଷଧୀୟ କଂଚାମାଲ ନିମନ୍ତେ ଅଗ୍ରଣୀ ଉପାର୍ଜନକ୍ଷମ ସମାଧାନ ସମୂହ ତଥା ଫାଇଟୋକେମିକାଲ୍ସ ଇତ୍ୟାଦି। ଉଦ୍ଭିଦ କୋଷ ଅମ୍ଳୀକରଣ ପ୍ରଯୁକ୍ତି ବ୍ୟବହାର ପୂର୍ବକ କେନ୍ଦ୍ରର ସୁବିଧା ମଧ୍ୟରେ ରହିଛି, ଉପାର୍ଜନକ୍ଷମ ଔଷଧୀୟ କଂଚାମାଲ ଉତ୍ପାଦନ ସହିତ, ଉଚ୍ଚମାନର ଫାଇଟୋକେମିକାଲ୍ସର ସୁନିଶ୍ଚିତ, ନ୍ୟୁଟ୍ରାସ୍ୱିଟିକାଲ୍ସ ନବୀକରଣତାର ପରିଚାଳନା ଏବଂ କସ୍ମେସ୍ୱିଟିକାଲ୍ସ ଓ ଆୟୁଷ ପ୍ରତିଷ୍ଠାକୁ ୟୁଏନ ଉପାର୍ଜନକ୍ଷମ ବିକାଶ ଲକ୍ଷ୍ୟ (ଏସଡ଼ିଜି୩-ଉତମ ସ୍ୱାସ୍ଥ୍ୟ ଏବଂ ନିରୋଗତା) ପାଇଁ ସିଧାସଳଖ ଭାବରେ ପ୍ରଦାନ କରିବା।



ଏହି ସହଯୋଗୀୟ ପ୍ରୟାସ ଉଦ୍ଭିଦ କୋଷ ପ୍ରଯୁକ୍ତି ନିୟନ୍ତ୍ରଣାଧିନ ଅବସ୍ଥା ଅଧିନରେ ଔଷଧୀୟ ବୃକ୍ଷ ମାନଙ୍କ ମଧ୍ୟରେ ସଘନ ଚାଷକୁ ସକ୍ଷମ କରିବା ସହିତ ଏହାର ଉଦ୍ଦେଶ୍ୟକୁ ବୃଦ୍ଧି କରିଥାଏ, ଏଥିସହିତ ଆଧୁନିକତମ ବାୟୋ-ରିଆକ୍ଟର ଆଧାରିତ ସ୍କେଲିଙ୍ଗ ସର୍ବନିମ୍ନ ସ୍ଥାନରେ ଅଧିକ ମାତ୍ରାରେ ଉତ୍ପାଦନ ସୁବିଧା ପ୍ରଦାନ, ଜମି ସଂକ୍ରାନ୍ତିୟ ଅସୁବିଧା ଗୁଡ଼ିକୁ ଆଗେଇ ନେବା ତଥା ଲମ୍ବା ଅମଳ ଚକ୍ରକୁ ନେଇ ପାରମ୍ପରିକ ଚାଷ ସହିତ ଜଡ଼ିତ ଏବଂ ସବୁଜ ନିଷ୍କ୍ରିୟ ପ୍ରଯୁକ୍ତି ବିଦ୍ୟାକୁ ବାୟୋ ଆକ୍ଟିଭ ଯୌଗିକ ଉତ୍ପାଦନରେ ଉପାର୍ଜନକ୍ଷମ ସ୍ଥିରତା ସହିତ ଚଳାଇବା।

ଏହି ଉଦ୍ଭିଦ କୋଷ ଅମ୍ଳୀକରଣ ପରୀକ୍ଷାଗାର ୫ଟି ପ୍ରମୁଖ କ୍ଷେତ୍ରରେ ନିଜର ଆଧିପତ୍ୟ ବିସ୍ତାର କରିଛି ଯାହା ମଧ୍ୟରେ ରହିଛି- ଗବେଷଣା ଏବଂ ବିକାଶ (ଆରଏନଡ଼ି)କୁ ଧରିରଖିବା ପାଇଁ ନବୀକରଣୀୟ ଅନୁସନ୍ଧାନ ଓ ବ୍ଲୁ-ସ୍କାଏ ପ୍ରକଳ୍ପ; ଉପାର୍ଜନକ୍ଷମ ବାୟୋ ଉତ୍ପାଦନ ଔଷଧୀୟ ଗୁଣକୁ ବାହାର କରିବା ପାଇଁ ସ୍କେଲେବୁଲ ଉଦ୍ଭିଦ କୋଷ ଅମ୍ଳୀକରଣକୁ ଧରି ରଖିବା; ପ୍ରଯୁକ୍ତି ପରଚାଳିତ ସମାଧାନ ଫାଇଟୋ କେମିକାଲ୍ସର ସନ୍ଧାନ ତଥା ପୁନଃଉଦ୍ଦେଶ୍ୟ ସାଧନ ପାଇଁ ସିଲିକୋସ୍କ୍ରିନିଙ୍ଗ; ସୋମାଟିକ୍ ଭ୍ରୁଣ ଉତ୍ପାଦନରେ ତଥା ଉଭିଦ ସାମଗ୍ରୀ ନିମନ୍ତେ ସଂରକ୍ଷଣ ପ୍ରୟାସ ଯାହାକି ଔଷଧୀୟ ବିଲୁପ୍ତ ପ୍ରାୟ ପ୍ରଜାତିର କ୍ଷେତ୍ର ଚାଷ ପାଇଁ ହୋଇଥାଏ; ଏବଂ ଶେଷରେ ଇକୋସିଷ୍ଟମର ସଂଲଗ୍ନତା ହାକାଥନକୁ ପ୍ରୋତ୍ସାହିତ କରିବା ସଙ୍ଗେସଙ୍ଗେ ନବୀକରଣକୁ ପରିଚାଳନା ପାଇଁ ତ୍ୱରିତ କାର୍ଯ୍ୟକ୍ରମ ହାତକୁ ନେବା।

ଅଜୟ ଖାନ୍ନା, ପରିଚାଳନା ନିର୍ଦ୍ଦେଶକ, ହର୍ବାଲାଇଫ୍ ଇଣ୍ଡିଆ ମତବ୍ୟକ୍ତ କରି କହିଛନ୍ତି, "ହର୍ବାଲାଇଫ୍, ନବୀକରଣର ପରିଚାଳନା ନିମନ୍ତେ ବଚ୍ନବଦ୍ଧ ଅଟେ ଯାହାକି ଉପାର୍ଜନ କ୍ଷମତାକୁ ଯୋଗାଇଥାଏ। ଆଇଆଇଟି ମାଡ୍ରାସ ସହିତ ଆମର ମିଳିତ ସହଭାଗୀତା ଚଳିତ ବର୍ଷ ପୁନର୍ବାର, ନ୍ୟୁଟ୍ରାସ୍ୱିଟିକାଲ୍ସ ଏବଂ ନିରୋଗତା କ୍ଷେତ୍ରରେ ଏକ ପରିବର୍ତ୍ତନର ପ୍ରୟାସ। ଆଇଆଇଟି ମାଡ୍ରାସ ଠାରେ ଅବସ୍ଥାପିତ ହର୍ବାଲାଇଫ୍ ଉଦ୍ଭିଦ କୋଷ ଅମ୍ଳୀକରଣ ପରୀକ୍ଷାଗାର ଆରୋଗ୍ୟ କ୍ଷେତ୍ର ପାଇଁ ନବୀକରଣ, ଦକ୍ଷତା ପ୍ରତିଷ୍ଠା ଏବଂ ମିଳିତ ସହଯୋଗରେ ଶିଳ୍ପ ବୃଦ୍ଧି ନିମନ୍ତେ ଏକ ତ୍ୱରାନ୍ୱିତ ପ୍ରକ୍ରିୟା ଭାବରେ ସେବା ପ୍ରଦାନ କରିପାରିବ। ଭାରତର ବାୟୋ-ଇ୩ ନୀତି ଏବଂ ନ୍ୟାସନାଲ ବାୟୋଟେକ୍ନୋଲଜି ଡ଼େଭଲପମେଂଟ ଷ୍ଟ୍ରାଟିଜି (୨୦୨୨-୨୫) ସହିତ ମିଳିତ ହୋଇ ଏହି ଉଦ୍ୟମ ବାୟୋ ଉତ୍ପାଦନ କ୍ଷେତ୍ରରେ ଭାରତରେ ଏକ ନେତୃତ୍ୱଧାରୀ ଦେଶ ଭାବରେ ପ୍ରତିଷ୍ଠିତ କରିବା ସହିତ ଆମର ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭରଶୀଳ ଭାରତ ଭଳି ସ୍ୱପ୍ନକୁ ସାକାର କରିପାରିବ।"

ପ୍ରଫେସର ସ୍ମିଥା ଶ୍ରିବାସ୍ତବ, ବାୟୋଟେକ୍ନୋଲଜି ବିଭାଗ, ଭୂପତ୍ ଏବଂ ଜ୍ୟୋତି ମେହେଟ୍ଟା, ସ୍କୁଲ ଅଫ ବାୟୋ ସାଇନ୍ସ, ଆଇଆଇଟି ମାଡ୍ରାସ କହିଛନ୍ତି, "ଉପାର୍ଜନକ୍ଷମ ନୂତନତ୍ୱ କ୍ଷେତ୍ରରେ ହର୍ବାଲାଇଫ୍-ଆଇଆଇଟିଆଇ ଉଦ୍ଭିଦ କୋଷ ଅମ୍ଳୀକରଣ ପ୍ରଯୁକ୍ତିବିଦ୍ୟା ପରୀକ୍ଷାଗାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ପ୍ରତିଷ୍ଠା କରିପାରିଛି। ଶିଳ୍ପ ପ୍ରୟୋଗାତ୍ମକ ନିମନ୍ତେ ଏଭଳି ଏକ ନିଜସ୍ୱ ଜ୍ଞାନକୌଶଳରେ ପ୍ରତିଷ୍ଠିତ କେନ୍ଦ୍ର ଉତ୍କୃଷ୍ଟ ଗବେଷଣା, ବିକଶିତ ଶୈକ୍ଷିକ ପ୍ରଶିକ୍ଷଣ ତଥା ଗୁରୁତ୍ୱପୂର୍ଣ୍ଣ ବୈଷୟିକ ବିକାଶକୁ ପରିଚାଳିତ କରିବାରେ ସମ୍ପୂର୍ଣ୍ଣ ସକ୍ଷମ ହୋଇପାରିବ। ଏଭଳି ଏକ ସୁନ୍ଦର ପଦକ୍ଷେପ ନିମନ୍ତେ ନିଜର ଉଦାର ସମର୍ଥନ ତଥା ଅବିଶ୍ୱସନୀୟ ବିଶ୍ୱାସ ନିମନ୍ତେ ମୁଁ ହର୍ବାଲାଇଫକୁ ମୋର ଅନ୍ତରର କୃତଜ୍ଞତା ଜଣାଉଛି। ବିଜ୍ଞାନ, ଶିଳ୍ପ ଏବଂ ସମାଜରେ ଅର୍ଥପୂର୍ଣ୍ଣ ନିର୍ଯାସ ବାହାରକୁ ସୃଷ୍ଟି କରିବା ନିମନ୍ତେ ଆମେ ମିଳିତ ଭାବରେ ଉଦ୍ଭିଦ କୋଷ ଅମ୍ଳୀକରଣର ଏହି ଭିତିଭୂମିକୁ ରୂପାନ୍ତରିତ କରିବାରେ ପ୍ରୟାସ ଜାରି ରଖିବା।" ପ୍ରଫେସର ଅଶ୍ୱିନୀ ମହାଲିଙ୍ଗମ୍, ଡ଼ିନ-ଆଲୁମିନି ଏବଂ କର୍ପୋରେଟ ବ୍ୟାପାର, ଆଇଆଇଟି ମାଡ୍ରାସ ନିଜର ସୁଚିନ୍ତିତ ମତବ୍ୟକ୍ତ କରି କହିଛନ୍ତି, "ଆଇଆଇଟିଏମ-ହର୍ବାଲାଇଫର ମିଳିତ ସହଯୋଗ ଯାହା ଗୋଟିଏ ମାଇଲଖୁଂଟରୁ ଆଉ ଗୋଟିଏକୁ ବୃଦ୍ଧି ପାଉଛି ଏହା ଅତ୍ୟନ୍ତ ହୃଦୟସ୍ପର୍ଶୀ ଭାବରେ ଦୃଶ୍ୟମାନ ହେଉଛି। ଉଦ୍ଭିଦ କୋଷ ଅମ୍ଳୀକରଣ ପ୍ରଯୁକ୍ତିବିଦ୍ୟା ପରୀକ୍ଷାଗାର ପ୍ରତିଷ୍ଠା ସହଯୋଗ ଜରିଆରେ ହର୍ବାଲାଇଫ୍ ଉଚ୍ଚମାନର ଔଷଧୀୟ କଂଚାମାଲ ତଥା ଫାଇଟୋ କେମିକାଲ୍ସର ଉପାର୍ଜନକ୍ଷମ ସମାଧାନ କ୍ଷେତ୍ରରେ ଏକ ନେତୃତ୍ୱ ଭାବରେ ସମ୍ମୁଖକୁ ଆସିପାରିଛି।

# ଟୟୋଟା କିର୍ଲୋସ୍କର ମୋଟରର ଭାରତ ଶକ୍ତି ସପ୍ତାହ

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):** ୨୦୪୭ ସୁଦ୍ଧା ଶକ୍ତି ସ୍ୱାଧୀନତା ଏବଂ ୨୦୭୦ ସୁଦ୍ଧା ନେଟ୍ ଜିରୋ ପାଇଁ ଭାରତର ଦୃଷ୍ଟିକୋଣ ପ୍ରତି ଏହାର ପ୍ରତିବଦ୍ଧତାକୁ ଦୋହରାଇ, ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ) ୧୧ ରୁ ୧୪ ଫେବୃଆରୀ ୨୦୨୫ମଧ୍ୟରେ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଭାରତ ଶକ୍ତି ସପ୍ତାହ ୨୦୨୫ ରେ ନିଜର ଅଂଶଗ୍ରହଣକୁ ଚିହ୍ନିତ କରିଛି। ଭାରତ ଶକ୍ତି ସପ୍ତାହ ୨୦୨୫ (ଆଇଇଡବ୍ଲୁ) ଶକ୍ତି ଆତ୍ମନିର୍ଭରଶୀଳତା ସାକାର କରିବା ଏବଂ କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ବ୍ୟବହାରିକ ଏବଂ ସ୍କେଲେବଲ୍ ସ୍ୱଚ୍ଛ ଶକ୍ତି ସମାଧାନ ପ୍ରଦର୍ଶନ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ। ଏହି କାର୍ଯ୍ୟକ୍ରମ ବିଶ୍ୱ ରାଜନୈତିକ ନେତା, ନୀତି, ଚିନ୍ତକ ନେତା, ବିଶେଷଜ୍ଞ ଏବଂ ଶେଷ-ଉପଭୋକ୍ତାଙ୍କ ସହିତ ଶକ୍ତି ପରିସ୍ଥିତି, ପ୍ରଯୁକ୍ତିବିଦ୍ୟା, ଶିଳ୍ପ ଧାରା ଏବଂ ନୀତି ଦୃଷ୍ଟିକୋଣ ଉପରେ ବିଚାର ବିମର୍ଶ କରିବା ପାଇଁ ଏକତ୍ରିତ ହୁଏ।

ସ୍ୱଦେଶୀ ସବୁଜ ଶକ୍ତି ଦ୍ୱାରା ଚାଳିତ ସ୍ଥାୟୀ ଗତିଶୀଳତା ସମାଧାନ ପ୍ରଦାନ କରିବା ଉପରେ ଦୃଢ଼ ଧ୍ୟାନ ଦେଇ, ଟିକେଏମ ଏହାର ପଦ୍ଧତି ସହିତ ବିଭିନ୍ନ ବିକଳ୍ପ ପା?ାରଟ୍ରେନ ପ୍ରଦର୍ଶନ କରିଛି ଯାହା ଗତି ଏବଂ ସ୍ତରରେ ପରିବର୍ତ୍ତନ ଆଣିବା ପାଇଁ ସମୟର ଆବଶ୍ୟକତାକୁ ପ୍ରତିଫଳିତ କରିଛି। ବିଦ୍ୟୁତୀକରଣ ଏବଂ ବିକଳ୍ପ ଇନ୍ଧନ ସମେତ ଅନେକ ସବୁଜ ଶକ୍ତି ପଥ ଅଛି ଯାହା ପରିବହନ କ୍ଷେତ୍ରକୁ କାର୍ବନ ପଦଚିହ୍ନ ହ୍ରାସ କରିବା ସହିତ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା କମ କରିବାରେ ସାହାଯ୍ୟ କରିପାରିବ। ଭାରତର ଶକ୍ତି ମିଶ୍ରଣ, ଏହାର ବିବିଧ ଗ୍ରାହକ ପ୍ରୋଫାଇଲ୍ ଏବଂ ଆବଶ୍ୟକତା, ଭିତିଭୂମି ପ୍ରସ୍ତୁତି ଏବଂ ସରକାରଙ୍କ 'ଆତ୍ମ ନିର୍ଭର' ଦୃଷ୍ଟିକୋଣକୁ ଦୃଷ୍ଟିରେ ରଖି, ଟିକେଏମ 'ମେକ୍ ଇନ୍ ଇଣ୍ଡିଆ' ଉପରେ ଧ୍ୟାନ ଦେଇ ଦେଶ ପାଇଁ ପ୍ରାସଙ୍ଗିକ ବିଭିନ୍ନ ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା ବିକଶିତ କରିବାକୁ ଚେଷ୍ଟା କରୁଛି। ଉପରୋକ୍ତ ଦୃଷ୍ଟିକୋଣରୁ, ଆଇଇଡବ୍ଲୁରେ ଟୟୋଟା ପ୍ରଦର୍ଶନ କରୁଛି। ସ୍ଥାନୀୟ ଭାବରେ ନିର୍ମିତ ଇ-ଡ୍ରାଇଭ୍, ସାଧାରଣ ପା?ାରଟ୍ରେନ୍ ଉପ-ସିଷ୍ଟମ୍ ଯାହା ସମସ୍ତ ବିଦ୍ୟୁତୀକରଣ ଯାନ ଭିତରେ ଯାଏ ଆଗକୁ ବଢ଼ିବା, ଭାରତର ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଏବଂ ନୂତନ ଯାନ ବିକ୍ରୟ ବୃଦ୍ଧି, ସଂପୂର୍ଣ୍ଣ ପରିସର ସମେତ ସମସ୍ତ ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା ବିଦ୍ୟୁତୀକରଣ ଯାନବାହାନ ଏବଂ ବିକଳ୍ପ ଇନ୍ଧନ ଚାଳିତ ପ୍ରଯୁକ୍ତିବିଦ୍ୟା ବର୍ତମାନର ଆବଶ୍ୟକତା। ଏହି ପରିପ୍ରେକ୍ଷୀରେ, ଇଥାନଲ୍ ଏକ ସ୍ୱଦେଶୀ ଏବଂ ସ୍ୱଚ୍ଛ ଶକ୍ତି ଉତ୍ସ ହୋଇଥିବାରୁ ଭାରତ ପାଇଁ ତୁରନ୍ତ ଲାଭ ପାଇଁ ପ୍ରଚୁର ସମ୍ଭାବନା ରହିଛି, କାରଣ ଏହା ଜୀବାଶ୍ମ ଇନ୍ଧନ ବ୍ୟବହାର, ଶକ୍ତି ଆମଦାନୀ ବିଲ୍ ଏବଂ କାର୍ବନ ନିର୍ଗମନକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିପାରିବ।

# ସଞ୍ଜୟ ଦତ୍ଙ୍କ 'ଦ ଗ୍ଲେନୱାକ୍' ଓଡ଼ିଶା ଉନ୍ମୋଚନ ସହ ନିଜର ପାଦ ବିସ୍ତାର କରିଛି

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):** ଯେଉଁମାନେ ଜୀବନର ସବୁଠାରୁ ସୁନ୍ଦର ଜିନିଷକୁ ପ୍ରଶଂସା କରନ୍ତି, ସେମାନଙ୍କ ପାଇଁ ଶ୍ରେଷ୍ଠ ମାଲଟରେ ପ୍ରସ୍ତୁତ ପ୍ରିମିୟମ୍ ସ୍କଚ୍ ହ୍ୱିସ୍କି ଗ୍ଲେନୱାକ୍ ଶେଷରେ ଓଡ଼ିଶାରେ ପହଚିଛି। କାର୍ଟେଲ ବ୍ରଦର୍ସ ଦ୍ୱାରା ପ୍ରତିଷ୍ଠିତ ଏହି ରଣନୈତିକ ପଦକ୍ଷେପ ଜୁନ୍ ୨୦୨୩ରେ ଲଚ୍ ହେବା ପରଠାରୁ ଏହାର ଅଭୂତପୂର୍ବ ସଫଳତାକୁ ଆଧାର କରି ସମଗ୍ର ଭାରତରେ ବ୍ରାଣ୍ଡ ଚାଲିଥିବା ସମ୍ପ୍ରସାରଣରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଟ। ଭାରତର ୬ଟି ରାଜ୍ୟର ୫୦ରୁ ଅଧିକ ସହର ଏବଂ ମହାରାଷ୍ଟ୍ର, ନୂଆଦିଲ୍ଲୀ, ଗୋଆ, ପଞ୍ଜାବ, ଉତରପ୍ରଦେଶ, ଉତରାଖଣ୍ଡ ଭଳି ପ୍ରମୁଖ ବଜାରରେ ଉପସ୍ଥିତି ଏବଂ ମଧ୍ୟପ୍ରାଚ୍ୟରେ ଅନ୍ତର୍ଜାତୀୟ ସ୍ତରରେ ଉପସ୍ଥିତି ସହିତ ଏହି ବ୍ରାଣ୍ଡ୍ ବିଶ୍ୱ ସ୍ପିରିଟ୍ ବଜାରରେ ନିଜର ଏକ ପରିଚୟ ସୃଷ୍ଟି କରିଛି। ମ୍ୟାନସିଓଞ୍ଚୀର ଲିଭିଂ ଲିକ୍ୱିଡ଼ର ପ୍ରତିଷ୍ଠାତା ତଥା କାର୍ଟେଲ ବ୍ରଦର୍ସର ସହ-ପ୍ରତିଷ୍ଠାତା ମୋକ୍ଷ ସାନି କହିଛନ୍ତି, "ଓଡ଼ିଶା ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ଜୀବନ୍ତ ଅର୍ଥନୀତି ଏବଂ ଉତମ ମନୋବଳ ପ୍ରତି ବଢୁଥିବା ପ୍ରଶଂସା ସହିତ ଗ୍ଲେନୱାକ୍ ପାଇଁ ଏକ ଆଦର୍ଶ ପ୍ଲାଟଫର୍ମ ପ୍ରଦାନ କରୁଛି। ଆମେ ନିଶ୍ଚିତ ଯେ ରାଜ୍ୟର ଗତିଶୀଳ ବଜାର ଗ୍ଲେନୱାକ୍ର ଅସାଧାରଣ ଗୁଣବତା ଏବଂ ସୁରୁଖୁରୁରେ ସ୍ୱାଦକୁ ଗ୍ରହଣ କରିବ।"

ଗ୍ଲେନୱାକ୍ର ସେଲିବ୍ରିଟି ବ୍ରାଣ୍ଡ ଆମ୍ବାସାଡର ସଞ୍ଜୟ ଦତ କହିଛନ୍ତି, "ଗ୍ଲେନୱାକ ଓଡ଼ିଶାରେ ବିସ୍ତାର ଦେଖି ମୁଁ ଆନନ୍ଦିତ। ଓଡ଼ିଶା ଏକ ଜୀବନ୍ତ ସଂସ୍କୃତି ଏବଂ ଉଷ୍ମ ଆତିଥ୍ୟର ଦେଶ ଏବଂ ମୁଁ ବିଶ୍ୱାସ କରେ ଯେ ଗ୍ଲେନୱାକ୍, ଏହାର ଅସାଧାରଣ ଗୁଣବତା ଏବଂ ସରଳ ସ୍ୱାଦ ସହିତ, ରାଜ୍ୟର ବୁଦ୍ଧିଜୀବୀ ତାଲୁମାନଙ୍କ ସହିତ ଅନୁକୂଳ ହେବ । ଓଡ଼ିଶାରେ ଗ୍ଲେନୱାକ୍ ଏକ ବଡ଼ ସଫଳତା ହେବ ବୋଲି ମୋର ବିଶ୍ୱାସ ରହିଛି।"

# ସଂସଦର ଅଧିବେଶନରେ ଯୋଗ ଦେଇପାରିବେ ସାଂସଦ ଇଂଜିନିୟର ରସିଦ

**ନୂଆଦିଲ୍ଲୀ,୧୦।୨(ଏଜେନ୍ସି):** ଦୀର୍ଘ ଦିନ ଧରି ଜେଲରେ ଥିବା ଜମ୍ମୁ-କଶ୍ମୀରର ବାରାମୁଲା ଆସନର ସାଂସଦ ଇଞ୍ଜିନିୟର ରସିଦଙ୍କୁ ଅଦାଲତରୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ମିଳିଛି । ସଂସଦର ଚଳିତ ବଜେଟ୍ ଅଧିବେଶନରେ ଯୋଗ ଦେବା ପାଇଁ ଦିଲ୍ଲୀ ହାଇକୋର୍ଟ ରସିଦଙ୍କୁ ହାଜତ ପାରୋଲ ପ୍ରଦାନ କରିଛନ୍ତି । ଅଦାଲତ ରସିଦଙ୍କୁ ଦୁଇ ଦିନିଆ ରିମାଣ୍ଡ ପାରୋଲ ପ୍ରଦାନ କରିଛନ୍ତି । ତେବେ



କୋର୍ଟ ପାରୋଲ ଦେବା ସହ ଅନେକ ସର୍ତ୍ତ ମଧ୍ୟ ଜାରି କରିଛନ୍ତି ।ଫେବ୍ରୁଆରୀ ୧୧ ଓ ୧୩ ତାରିଖ ପାଇଁ ଦିଲ୍ଲୀ ହାଇକୋର୍ଟ ସାଂସଦ ଇଞ୍ଜିନିୟର ରସିଦଙ୍କୁ ହାଜତ ପାରୋଲ ପ୍ରଦାନ କରିଛନ୍ତି । ହେପାଜତ ସମୟରେ ରସିଦ ମୋବାଇଲ ଫୋନ୍ କିମ୍ବା ଇଣ୍ଟରନେଟ୍ ବ୍ୟବହାର କରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି । ସଂସଦରେ ଉପସ୍ଥିତ ରହିବାର ସୀମିତ ଦାୟିତ୍ୱ ବ୍ୟତୀତ ରସିଦ କୌଣସି ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିବେ ନାହିଁ ବୋଲି ହାଇକୋର୍ଟ ଉଲ୍ଲେଖ କରିଛନ୍ତି । ଏହାବ୍ୟତୀତ ରସିଦ ଗଣମାଧ୍ୟମ ସହ କୌଣସି ପ୍ରକାର କଥାବାର୍ତ୍ତା କରିବେ ନାହିଁ।ବାରାମୁଲା ସାଂସଦ ରସିଦ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାର ସମ୍ମୁଖୀନ ହେଉଛନ୍ତି। ଜମ୍ମୁ-କଶ୍ମୀରରେ ବିଚ୍ଛିନ୍ନତାବାଦୀ ଏବଂ ଆତଙ୍କବାଦୀ ଗୋଷ୍ଠୀକୁ ପାଣ୍ଠି ଯୋଗାଉଥିବା ଅଭିଯୋଗ ହୋଇଛି ଇଞ୍ଜିନିୟର ରସିଦଙ୍କ ଉପରେ । ୨୦୧୯ରେ ମନି ଲଣ୍ଡରିଂ ମାମଲାରେ ଫସିଥିବା ଏବଂ ଦେଶ ବିରୁଦ୍ଧରେ ଯୁଦ୍ଧ କରିବା ଅଭିଯୋଗରେ ରସିଦଙ୍କୁ ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ ବା ୟୁଏପିଏ ଅଧୀନରେ ଗିରଫ କରାଯାଇଥିଲା ।

# 'ଶୀଶମହଲ'ରେ ରହିବେ ନାହିଁ ମୁଖ୍ୟମନ୍ତ୍ରୀ, ଏଲଜିକୁ ଚିଠି ଲେଖିଲା ବିଜେପି

**ନୂଆଦିଲ୍ଲୀ,୧୦।୨(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜୟ ହାସଲ କରିବା ପରେ ବିଜେପି ଦିଲ୍ଲୀର ଉପରାଜ୍ୟପାଳ ଭିକେ ସକ୍ସେନାଙ୍କୁ ଚିଠି ଲେଖିଛନ୍ତି । ଏଥିରେ ଶୀଶମହଲରୁ ୪ଟି ପ୍ରପର୍ଟିର ବିଲୟକୁ ରଦ୍ଦ କରିବାକୁ ଦାବି କରାଯାଇଛି । ବିଜେପି ଦିଲ୍ଲୀ ବିଧାନସଭା ନିର୍ବାଚନରେ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ଶୀଶମହଲର ମାମଲାକୁ ଜୋରସୋରରେ ଉଠାଇ ଥିଲେ । ଏହାସହ ଏହା ମଧ୍ୟ କହିଥିଲେ କି ଯଦି ତାଙ୍କର ପାର୍ଟି କ୍ଷମତାରେ ଆସିଲେ ଶୀଶମହଲରେ ରହିବେ ନାହିଁ । କହି ରଖୁଛୁ କି , ଅରବିନ୍ଦ କେଜ୍ରିୱାଲ ମୁଖ୍ୟମନ୍ତ୍ରୀ ରହିବା ପରେ ଯେଉଁ ବଙ୍ଗଳାରେ ରହୁଥିଲେ ବିଜେପି ଓ କଂଗ୍ରେସ ଏହାକୁ ଶୀଶମହଲ କହନ୍ତି । ବିଜେପି ଶୀଶମହଲରେ ପୁନର୍ନିର୍ମାଣ ଓ ସାଜସଜ୍ଜାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାର ଅଭିଯୋଗ କରି ଥିଲେ । ଏହାସହ ଏହାମଧ୍ୟ କହି ଥିଲେ କି, ୪ଟି ସରକାର ବଙ୍ଗଳାଙ୍କୁ ମିଶାଇ ଶୀଶମହଲ ତିଆରି କରାଯାଇଛି । ଅନ୍ୟପଟେ ଏବେ ଦିଲ୍ଲୀ ବିଜେପିର ଅଧ୍ୟକ୍ଷ ବିରେନ୍ଦ୍ର ସଚଦେବା ଉପରାଜ୍ୟପାଳ ଭିକେ ସକ୍ସେନାଙ୍କୁ ଲେଖିଥିବା ଚିଠିରେ ୪ଟି ସରକାରୀ ବଙ୍ଗଳାର ବିଲୟକୁ ରଦ୍ଦ କରିବାର ଦାବି କରିଛନ୍ତି । ସେ କହିଛନ୍ତି, ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ଏହି ବଙ୍ଗଳାରେ ରହିବେ ନାହିଁ ଏବଂ ଏହାର ବ୍ୟବହାର କେମିତି କରିବେ , ଏହାର ନିଷ୍ପତ୍ତି ମଧ୍ୟ ଦିଲ୍ଲୀ ସରକାର ନେବେ ।

# ଆପର ଦୁର୍ନୀତି ଖୋଲିବ ବିଜେପି

**ନୂଆଦିଲ୍ଲୀ,୧୦।୨(ଏଜେନ୍ସି):** ବିଧାନସଭା ନିର୍ବାଚନରେ ଐତିହାସିକ ବିଜୟ ପରେ ଦିଲ୍ଲୀରେ ସରକାର ଗଢିବାକୁ ଯାଉଥିବା ବିଜେପି ଏଣିକି ଆପକୁ ଜୋରଦାର ଟାର୍ଗେଟ୍ କରିବ । ପୂର୍ବର ଦୁର୍ନୀତି ମାମଲାଗୁଡ଼ିକର ତଦନ୍ତ ସକାଶେ ନୂଆ ବିଜେପି ସରକାର ରଣନୀତି ବନାଇବ । ଏହି କ୍ରମରେ ପ୍ରଥମ କ୍ୟାବିନେଟ୍ ବୈଠକରେ ଦିଲ୍ଲୀ ସରକାର ଏସ୍ଆଇଟି ଗଠନ କରିବ । ଦିଲ୍ଲୀ ବିଜେପି ରବିବାର ଏହି ଘୋଷଣା କରିଛି । ପ୍ରଦେଶ ବିଜେପି ମୁଖ୍ୟ ବୀରେନ୍ଦ୍ର ସଚଦେବା କହିଛନ୍ତି, ଦୁର୍ନୀତି ପାଇଁ ଦଳ 'ଶୂନ ସହିଷ୍ଣୁତା' ନୀତି ଆପଣାଉଛି । ଯେଉଁମାନେ (ଆପ୍ ନେତା) ସ୍କାମରେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କୁ ଉତ୍ତରଦାୟୀ ହେବାକୁ ପଡ଼ିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁର୍ନୀତି ବିରୋଧରେ ଶୂନ ସହିଷ୍ଣୁତା ନୀତି ଆପଣାଇବାକୁ ବାରମ୍ବାର କହୁଛନ୍ତି । ତେଣୁ ନୂଆ ବିଜେପି ସରକାରର ପ୍ରଥମ କ୍ୟାବିନେଟ୍ ବୈଠକରେ ସିଏଜି ରିପୋର୍ଟ ଉପସ୍ଥାପନ ହେବ । ସମସ୍ତ ଦୁର୍ନୀତି ମାମଲାର ତଦନ୍ତ ଲାଗି ଆମେ ଏକ ସ୍ୱତନ୍ତ୍ର ତଦନ୍ତକାରୀ କମିଟି (ଏସ୍ଆଇଟି) ଗଠନ କରିବୁ। ସଚଦେବା କହିଛନ୍ତି, ଦିଲ୍ଲୀର ଭୋଟରମାନେ ବିକାଶ ପାଇଁ ବିଜେପିକୁ ସମର୍ଥନ ଜଣାଇଛନ୍ତି । ମୋଦିଙ୍କ ନେତୃତ୍ୱ ଉପରେ ସେମାନଙ୍କର ଯଥେଷ୍ଟ ଭରସା ରହିଛି । ନିର୍ବାଚନରେ କଂଗ୍ରେସର ବିଫଳତାକୁ ନେଇ ସଚଦେବା କହିଛନ୍ତି, ଐତିହାସିକ ଦୃଷ୍ଟିକୋଣରୁ ଏକ ବଡ଼ ଦଳ ହୋଇଥିଲେ ସୁଦ୍ଧା ଏହାକୁ ବଡ଼ ବିଫଳତାର ସାମ୍ନା କରିବାକୁ ପଡ଼ିଛି । ଦଳକୁ ଆହୁରି କଠିନ ପରିଶ୍ରମ କରିବାକୁ ପଡ଼ିବ । ବିଜେପି ନେତା ତଥା ରାଜୌରି ଗାର୍ଡେନ ବିଧାୟକ ମାନଜିନ୍ଦର ସିଂହ ସିରସା କହିଛନ୍ତି, ଦିଲ୍ଲୀକୁ ନଷ୍ଟ କରି ଦିଆଯାଇଛି । ଅରବିନ୍ଦ କେଜ୍ରିୱାଲ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି କରିଛନ୍ତି । ଏହାର ପର୍ଦ୍ଦାଫାସ ଲାଗି ଗୃହରେ ସିଏଜି ରିପୋର୍ଟ ଆଗତ କରାଯିବ ।

# ଏକଲ ଅଭିଯାନ ଏକ ସଶକ୍ତ ଓ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ପିଲାମାନଙ୍କୁ ବିକଶିତ କରୁଛି : ମୁଖ୍ୟମନ୍ତ୍ରୀ






ଭୁବନେଶ୍ୱର,୧୧।୨(ମହାଭାରତ): ଏକଲ ଅଭିଯାନ ଆଜି ଭାରତବର୍ଷର ବନାଞ୍ଚଳରେ ରହୁଥିବା ବାଳକ-ବାଳିକାଙ୍କ ଭିତରେ ଶିକ୍ଷା ପ୍ରତି ଜାଗରଣ ସୃଷ୍ଟି କରିଛି। ଏହି ଅଭିଯାନ ଏକ ସଶକ୍ତ ଓ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ପିଲାମାନଙ୍କୁ ବିକଶିତ କରିବା ସହିତ ସେମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ସହାୟକ ହେଉଛି, ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିଅମ ଠାରେ ଆୟୋଜିତ ତୃତୀୟ ରାଷ୍ଟ୍ରୀୟ ଏକଲ ଖେଳକୁଦ ସମାରୋହର ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଛନ୍ତି।

ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଉଦାହରଣ ଦେଇ କହିଥିଲେଯେ, ଯଦି ବନବାସୀ ବାଳକ ବିଦ୍ୟାଳୟ ଯାଇପାରୁନାହିଁ ତେବେ ବିଦ୍ୟାଳୟକୁ ତା ଦ୍ୱାରକୁ ନେବାକୁ ହେବ। ସ୍ୱାମୀ ବିବେକାନନ୍ଦଙ୍କ ଏହି ବାଣୀକୁ ସାକାର କରିଛି ଏକଲ ବିଦ୍ୟାଳୟ । ଶିକ୍ଷାଦାନ କ୍ଷେତ୍ରରେ ଏହାର ସୁନାମ ରହିଛି । ଏକ ସୁ-ପରିଣାମକାରୀ ଯୋଜନା ଭାବେ ସମଗ୍ର ଦେଶରେ ପାଖାପାଖି ଏକଲକ୍ଷ ବନବାସୀ ଗ୍ରାମରେ ଏହି ଯୋଜନା ମାଧ୍ୟମରେ ଶିକ୍ଷାଦାନ ସହିତ ବିଭିନ୍ନ କାର୍ଯ୍ୟ ଚାଲିଛି।

ସେ କହିଥିଲେଯେ ଆମ ଓଡ଼ିଶାରେ ୪୫୦୦ ଏକଲ ବିଦ୍ୟାଳୟ ସଞ୍ଚାଳିତ ହେଉଛି । ପ୍ରାଥମିକ ଶିକ୍ଷା ସହିତ ଆରୋଗ୍ୟ, ଗ୍ରାମ ବିକାଶ, ସ୍ୱାଭିମାନ ଜାଗରଣ ତଥା ସଂସ୍କାର ଶିକ୍ଷା ଏଭଳି ପଞ୍ଚମୁଖୀ ଶିକ୍ଷା ମାଧ୍ୟମରେ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଏହା କାର୍ଯ୍ୟ କରୁଛି । ଶାରୀରିକ କ୍ଷମତାର ବିକାଶ ପାଇଁ ଏକଲ ଅଭିଯାନ ଅଭ୍ୟୁଦୟ ୟୁଥ୍ କ୍ଲବ ମାଧ୍ୟମରେ ଗ୍ରାମାଞ୍ଚଳରେ ଲୁଚିରହିଥିବା ପ୍ରତିଭାର ଅନେ୍ୱଷଣ କରି ଗ୍ରାମସ୍ତରରୁ ରାଷ୍ଟ୍ରୀୟ ସ୍ତର ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଖେଳକୁଦରେ ଭାଗ ନେବାର ସୁଯୋଗ ପ୍ରଦାନ କରୁଛି। ଆଗାମୀ ଦିନରେ ବନବାସୀ ଖେଳାଳୀଙ୍କୁ ଗ୍ରାମୀଣ ସ୍ତରରୁ ବାଛି ଅଲମ୍ପିକ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଏକଲ ଅଭିଯାନର ପ୍ରୟାସ ରହିଛି। ଏଭଳି ମହତ ପ୍ରୟାସ ପାଇଁ ଆଜି ସାରା ଦେଶରେ ବନବାସୀ କ୍ଷେତ୍ରରେ ଏକଲ ଅଭିଯାନର ଉପସ୍ଥିତି ଅନୁଭବ କରିହେଉଛି । ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଭାରତକୁ କ୍ରୀଡ଼ାକ୍ଷେତ୍ରରେ ଏକ ଅଗ୍ରଣୀ ରାଷ୍ଟ ଭାବେ ଗଢ଼ି ତୋଳିବାର ସ୍ୱପ୍ନ ଦେଖିଛନ୍ତି ।ମୋଦୀଜୀଙ୍କ ଏହିଁ ସ୍ୱପ୍ନକୁ ସାକାର କରିବା ପାଇଁ ଆମ ସରକାର ସଦାସର୍ବଦା ଚେଷ୍ଟାରତ ଅଛନ୍ତି, ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ତୃତୀୟ ରାଷ୍ଟ୍ରୀୟ ଏକଲ ଖେଳକୁଦ ସମାରୋହର ଉଦଯାପନୀ ଉତ୍ସବ

ସେ ପୁଣି କହିଥିଲେଯେ, ଓଡ଼ିଶାରେ ଆମ ନୂଆ ସରକାର ଆସିବା ପରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କ ସାମଗ୍ରୀକ ବିକାଶ ସହିତ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି। ତୃଣମୂଳ ସ୍ତରରୁ କ୍ରୀଡ଼ାପ୍ରତିଭାମାନଙ୍କୁ ଚୟନ କରାଯାଇ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ଦ୍ୱାରା ସଶକ୍ତ କରାଇବା ଏବଂ କ୍ରୀଡ଼ାବିତମାନଙ୍କ ସାମଗ୍ରୀକ ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ଆମ ସରକାରଙ୍କ ପକ୍ଷରୁ ସି.ଏମ୍. ଟ୍ରଫି ଚମ୍ପିଆନସିପ୍ ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। କ୍ରୀଡ଼ା କ୍ଷେତ୍ରରେ ବିକାଶ ଆଣିବା ଓ କ୍ରୀଡ଼ାବିତମାନଙ୍କୁ ଉଚ୍ଚକୋଟୀର ପ୍ରଶିକ୍ଷଣ ପ୍ରଦାନ କରିବାକୁ ଆମେ ଗୁରୁତ୍ୱ ଦେଉଛୁ ।

ରାଜ୍ୟର ଉଦୀୟମାନ କ୍ରୀଡ଼ାବିତ୍ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଆମେ 'ଖେଳ ରତ୍ନ ଖୋଜା ଅଭିଯାନ' ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛୁ। ଚଳିତ ବର୍ଷ କେବଳ କ୍ରୀଡ଼ା ଓ ଯୁବସେବା କ୍ଷେତ୍ରରେ ବଜେଟରେ ୧୩୧୫ କୋଟି ଟଙ୍କାର ବ୍ୟୟ ବରାଦର ବ୍ୟବସ୍ଥା ରହିଛି । ଗ୍ରାମାଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମିର ବ୍ୟାପକ ବିକାଶ କରାଯିବ। ତୃଣମୂଳ ସ୍ତରରେ ମିନି ଷ୍ଟାଡିଅମ୍ ଗୁଡ଼ିକୁ ସକ୍ରିୟ କରାଯିବା ସହିତ ଜିଲ୍ଲାସ୍ତରୀୟ କ୍ରୀଡ଼ା ଏକାଡେମୀ ପ୍ରତିଷ୍ଠା କରାଯିବ । ରାଜ୍ୟର ୪ଟି ଜୋନ୍ରେ ଅତ୍ୟାଧୁନିକ କ୍ରୀଡ଼ା ଏକାଡେମୀ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥି ସହିତ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରି ସେ କହିଥିଲେଯେ ପ୍ରତ୍ୟେକ ଜିଲ୍ଲାର ଲୋକପ୍ରିୟ କ୍ରୀଡ଼ାଗୁଡ଼ିକୁ ପ୍ରୋତ୍ସାହିତ ମଧ୍ୟ କରାଯିବ।

ଏହି କାର୍ଯ୍ୟକ୍ରମରେ କ୍ରୀଡା ଓ ଯୁବସେବା ତଥା ଓଡ଼ିଆ। ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ଏକାମ୍ର ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂହ ଯୋଗ ଦେଇ ଏକଲ ରାଷ୍ଟ୍ରୀୟ ଖେଳକୁଦ ପ୍ରତିଯୋଗିତାର ସମସ୍ତ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ। ସୂଚନା ଥାଉକି ଭୁବନେଶ୍ୱରରେ ଆୟୋଜିତ ଏହି ତୃତୀୟ ରାଷ୍ଟ୍ରୀୟ ଖେଳକୁଦ ପ୍ରତିଯୋଗିତାରେ ଏକଲ ଅଭିଯାନ ଅଭ୍ୟୁଦୟ କ୍ଲବ ମାଧ୍ୟମରେ ସମଗ୍ର ଦେଶରୁ ପ୍ରାୟ ୧୧୦୦ ଜଣ ଖେଳାଳୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ୬୦୦ ଜଣ ବାଳକ ଓ ୪୯୫ ଜଣ ବାଳିକା ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ।

# ଆଜି ତୃତୀୟ ଦିନିକିଆ : କ୍ଲିନ୍ସୁଇପ୍ ଲକ୍ଷ୍ୟରେ ଭାରତ



ଅହମ୍ମଦାବା,୧୧।୨: ଭାରତ ଓ ଇଂଲଣ୍ଡ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ। ସିରିଜ୍ର ଅନ୍ତିମ ତଥା ତୃତୀୟ ମ୍ୟାଚ୍ ଆସନ୍ତାକାଲି ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ। ଭାରତ ସିରିଜରେ ୨-୦ରେ ଅଗ୍ରଣୀ ହାସଲ କରିଛି। ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଅନ୍ତିମ ଦିନିକିଆରେ ଦୁଇ ଦଳ ନିଜର ଚୂଡ଼ାନ୍ତ ଏକାଦଶରେ ପରିବର୍ତ୍ତନ କରି ପରୀକ୍ଷା ନୀରିକ୍ଷା କରି ପାରନ୍ତି।ଭାରତୀୟ ଅଧିନାୟକ ରୋହିତ ଶର୍ମା ଚୂଡ଼ାନ୍ତ ଏକାଦଶରେ ଦୁଇ ବଡ଼ ପରିବର୍ତ୍ତନ କରି ପାରନ୍ତି। ପ୍ରଥମ ଦୁଇଟି ମ୍ୟାଚ୍ରେ ବେଞ୍ଚରେ ବସିଥିବା ୱିକେଟ୍ କିପର ବ୍ୟାଟର ଋଷଭ ପନ୍ତ ଓ ତାରକା ସ୍ପିନର କୁଲଦୀପ ଯାଦବଙ୍କୁ ସୁଯୋଗ ମିଳିପାରେ। ଏହା ବଦଳରେ କେଏଲ ରାହୁଲ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ବିଶ୍ରାମ ଦିଆଯାଇପାରେ। ଅନ୍ୟପଟେ ଜୋସ୍ ବଟଲରଙ୍କ ନେତୃତ୍ୱାଧୀନ ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶରେ ତିନି ପରିବର୍ତ୍ତନ ହୋଇପାରେ। ଜେମି ଓଭରଟନ, ଗସ୍ ଏଟିକସନ ଓ ସାକିବ ମେହମୁଦଙ୍କୁ ବାଦ୍ ଦିଆଯାଇ ସେମାନଙ୍କ ସ୍ଥାନରେ ଟମ ବ୍ୟାଣ୍ଟନ, ବ୍ରାୟଡନ କର୍ସ ଓ ଜୋଫ୍ରା ଆର୍ଚରଙ୍କୁ ସୁଯୋଗ ମିଳିପାରେ । ଭାରତୀୟ ଦଳ

ରୋହିତ ଶର୍ମା(ଅଧିନାୟକ), ଶୁଭମନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟର, କେଏଲ ରାହୁଲ/ଋଷଭ ପନ୍ତ(ୱିକେଟ୍ କିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡ଼େଜା, ଅକ୍ଷର ପଟେଲ୍, ବରୁଣ ଚକ୍ରବର୍ତ୍ତୀ/କୁଲଦୀପ ଯାଦବ, ହର୍ଷିତ ରାଣା ଓ ମହମ୍ମଦ ଶାମି

ଇଂଲଣ୍ଡ ଦଳ

ବେନ ଡକେଟ୍, ଫିଲ୍ ସଲ୍ଟ(ୱିକେଟ୍ କିପର), ଟମ୍ ବ୍ୟାଣ୍ଟନ, ଜୋ ରୁଟ୍, ହ୍ୟାରି ବ୍ରୁକ, ଜୋସ୍ ବଟଲର(ଅଧିନାୟକ), ଲିୟାମ ଲିଭିଙ୍ଗଷ୍ଟୋନ, ବ୍ରାୟଡନ କର୍ସ, ମାର୍କ ଉଡ, ଆଦିଲ ରଶିଦ, ସାକିବ ମେହମୁଦ/ଜୋଫ୍ରା ଆର୍ଚର ।

# ରାତ୍ରି ଭୋଜନକୁ ନଯିବା ଖେଳ ଉପସ୍ଥାପିକାଙ୍କୁ ମହଙ୍ଗା ପଡ଼ିଲା



ନୂଆଦିଲ୍ଲୀ: ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ବାଂଲାଦେଶ ପ୍ରିମିୟର ଲିଗ(ବିପିଏଲ) କ୍ରମାଗତ ଭାବେ ବିବାଦରେ ରହିଛି। ବାଂଲାଦେଶ ପ୍ରିମିୟର ଲିଗ ଖେଳାଳିଙ୍କ ସମେତ କର୍ମଚାରୀ ଓ ବସ ଚାଳକଙ୍କ ପାରିଶ୍ରମିକ ଠିକ ଭାବେ ଦେଉ ନଥିବା ଅଭିଯୋଗ ପୂର୍ବରୁ ରହିଛି।

ସମ୍ପ୍ରତି ଖବର ଆସିଛି କି, ଖେଳ ଉପସ୍ଥାପିକା ୟେଶା ସାଗର ବାଂଲାଦେଶ ପ୍ରିମିୟର ଲିଗ୍କୁ ଛାଡ଼ି ଦେଇଛନ୍ତି। ସାଗରଙ୍କ ନାମରେ ନିୟମ ଭଙ୍ଗ କରୁଥିବା ଅଭିଯୋଗ ହେବା ସହିତ ନୋଟିସ ବି ଜାରି କରାଯାଇଥିଲା। ଯେଉଁ କାରଣରୁ ତାଙ୍କୁ ବାଧ ହୋଇ ଲିଗ ଛାଡ଼ିବାକୁ ପଡ଼ିଛି।

ୟେଶା ବିପିଏଲ ୨୦୨୫ର ଚଟଗ୍ରାମ କିଙ୍ଗ ଟିମ ସହିତ ଯୋଡ଼ି ହୋଇଥିଲେ। ଖବର ମୁତାବକ, ୟେଶା ଚୁକ୍ତି ଭଙ୍ଗ କରିବା ନେଇ ଫ୍ରାଞ୍ଚାଇଜି ମାଲିକ ସମୀର କାଦର ଚୌଧରୀ ନୋଟିସ ପଠାଇଥିଲେ।

ଏହି ନୋଟିସରେ ଚୌଧରୀ ଉଲ୍ଲେଖ କରିଥିଲେ କି, ଚୁକ୍ତି ଅନୁଯାୟୀ ୟେଶା ତାଙ୍କର କର୍ତ୍ତବ୍ୟ ପାଳନ କରିବାରେ ବିଫଳ ରହିଛନ୍ତି। ଅଧିକାରିକ ଭାବେ ତାଙ୍କୁ ନିମନ୍ତ୍ରଣ କରାଯିବା ସତ୍ତ୍ୱେ ସେ ଡିନରରେ ସାମିଲ ହୋଇ ନଥିଲେ। ୟେଶାଙ୍କ ଅନୁପସ୍ଥିତି ଯୋଗୁଁ ଆର୍ଥିକ ଓ ପ୍ରତିଷ୍ଠାର ହାନି ଘଟିଥିଲା।

ଚୌଧରୀଙ୍କ ନୋଟିସର ଉତ୍ତର ଦେବା ବଦଳରେ ୟେଶା ସାଗର ଟୁର୍ଣ୍ଣାମେଣ୍ଟରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିଲେ। ରାତ୍ରି ଭୋଜନକୁ ନଯିବା ୟେଶାଙ୍କୁ ମହଙ୍ଗା ପଡ଼ିଯାଇଛି ବୋଲି କୁହାଯାଉଛି।

# ସୂର୍ଯ୍ୟାଂଶ, ପ୍ରଣବଙ୍କୁ ସ୍ୱର୍ଣ୍ଣ-ରୌପ୍ୟ



ଭୁବନେଶ୍ୱର,୧୨।୨: ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ସୋମବାର ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ରେପ୍ୟ ପଦକ ମିଳିଛି ସମସ୍ତ ୩ ପଦକ ମର୍ଡନ ପେଣ୍ଟାଥଲନ୍ରୁ ଆସିଛି ମର୍ଡନ ପେଣ୍ଟାଥଲନ୍ ପୁରୁଷ ବ୍ୟକ୍ତିଗତ ବାଇଥଲ୍ରେ ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର ଓ ପ୍ରଣବ ଦାସ ଯଥାକ୍ରମେ ସ୍ୱର୍ଣ୍ଣ ଓ ରେପ୍ୟ ଜିତି ଓଡ଼ିଶାକୁ ୧-୨ ସଫଳତା ଦେଇଛନ୍ତି ସୂର୍ଯ୍ୟାଂଶ ରେସ୍କୁ ୧୩ ମିନିଟ୍ ୫୮.୦୭ ସେକେଣ୍ଡ୍ରେ ଶେଷ କରି ପ୍ରଥମ ସ୍ଥାନ ଅଧିକାର କରିଥିବ୍ଳେ ପ୍ରଣବ (୧୪ ମିନିଟ୍ ୧୯.୬୩ ସେକେଣ୍ଡ) ଦ୍ୱିତୀୟ ସ୍ଥାନରେ ରହିଥିଲେ।

ଝାଡ଼ଖଣ୍ଡର ପ୍ରେମ କିଶୋର ମହାତୋ (୧୪:୩୮.୪୨) କାଂସ୍ୟରେ ସନ୍ତୁଷ୍ଟ ରହିଥିଲେ ସୂର୍ଯ୍ୟାଂଶ, ପ୍ରଣବ ଓ ପ୍ରତୀକ ଦାସଙ୍କୁ ନେଇ ଗଠିତ ଓଡ଼ିଶା ଦଳ ବାଇଥଲ୍ ଦଳଗତରେ ରେପ୍ୟ ଜିତିଥିଲେ ଏହି ଦଳ ୪୬ ମିନିଟ୍ ୧୫.୭୮ ସେକେଣ୍ଡରେ ରେସ୍ ଶେଷ କରି ଦ୍ୱିତୀୟ ସ୍ଥାନରେ ରହିଥିଲା ମଧ୍ୟପ୍ରଦେଶ (୪୬:୧୧.୫୭) ସ୍ୱର୍ଣ୍ଣ ଏବଂ ଉତ୍ତରାଖଣ୍ଡ (୪୮:୫୬.୬୭) କାଂସ୍ୟ ପାଇଥିଲେ ହକି ପୁରୁଷ ଓ ମହିଳାରେ ଓଡ଼ିଶା ପରାଜୟର ମୁହଁ ଦେଖିଛି ପୁଲ୍ପର୍ଯ୍ୟାୟରେ ପୁରୁଷ ଦଳ ୧-୨ରେ ପଞ୍ଜାବଠୁ ଏବଂ ମହିଳା ଦଳ ୨-୩ରେ ହରିୟାଣାଠୁ ହାରିଯାଇଛି ସୋମବାରର ଏହି ୩ ପଦକ ସହ ଓଡ଼ିଶାର ମୋଟ ପଦକ ସଂଖ୍ୟା ୩୩ (୯ ସ୍ୱର୍ଣ୍ଣ, ୧୨ ରେପ୍ୟ, ୧୨ କାଂସ୍ୟ)ରେ ପହଞ୍ଚିଛି।

# ବରତୁଣ୍ଡା ଗାଁରେ ମାଁ ଦ୍ୱାରସେନି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ବଙ୍ଗୋମୁଣ୍ଡା,୧୧।୨- ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ କପିଲାଭଟା ପଞ୍ଚାୟତ ବରତୁଣ୍ଡା ଗାଁ ରେ ମାଁ ଦ୍ୱାରସେନି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏଥିରେ ବରତୁଣ୍ଡା ଗାଁ ର ଝାଙ୍କର ଅମୃତ ଭୋଇ ପୂଜାର୍ଚ୍ଚନା କରିଥିଲେ ଆୟୋଜିତ ଉଦଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଦୁର୍ଦ୍ଦକ୍ଷ ହଂସ, ବିଶେଷ ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ର ସମ୍ପାଦକ ହୁଲେଶ୍ୱର ହଂସ, ସମ୍ମାନୀୟ ଅତିଥି ଭାବେ କପିଲାଭଟା ପଞ୍ଚାୟତ ର ସମିତି ସଭ୍ୟ କେଦାର ଭୋଇ, ବସନ୍ତ ରାଉତ, ଅଭିରାମ ସୁଲିଆ,ନାଏବ ସରପଞ୍ଚ ଝସକେତନ ସାହୁ, ଶୁଭାକର ନାଗ, ତେଜରାଜ ଭୋଇ, ତରଣୀ ନାଗ ପରମେଶ୍ୱର ମହାନନ୍ଦ,ଧର୍ମେନ୍ଦ୍ର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଉଦଘାଟନୀ ମ୍ୟାଚ ରେ ସନ୍ଧିସର ଓ ସିନ୍ଧିଭାଡ଼ି ଦଳ ମଧ୍ୟରେ ଖେଳ ହୋଇଥିବା ବେଳେ ସିନ୍ଧିଭାଡ଼ି ଦଳ କୁ ପରାସ୍ତ କରି ସନ୍ଧିସର ଦଳ ବିଜୟୀ ହୋଇଛି ।



# ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ବଢ଼ିଲା ସିରାଜଙ୍କ ଡିମାଣ୍ଡ

ନୂଆଦିଲ୍ଲୀ,୧୧।୨: ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଭାରତୀୟ ଦଳରେ ମହମ୍ମଦ ସିରାଜଙ୍କୁ ସୁଯୋଗ ମିଳିନି। କିନ୍ତୁ ଏବେ ଦଳରେ ତାଙ୍କୁ ସୁଯୋଗ ଦେବାକୁ ଦାବି ଉଠିଲାଣି। ଏହା ପଛର କାରଣ ଯଶପ୍ରୀତ ବୁମରା ସଂପୂର୍ଣ୍ଣ ଫିଟ୍ ହୋଇ ନାହାନ୍ତି।ପୁଣି ଦୀର୍ଘ ୧୫ ମାସ ପରେ ଅନ୍ତର୍ଜାତୀୟ କ୍ରିକେଟ୍କୁ ପତ୍ୟାବର୍ତ୍ତନ କରିଥିବା ମହମ୍ମଦ ଶାମି ଭଲ ଲୟରେ ନାହାନ୍ତି।ତେଣୁ ପୂର୍ବତନ ଭାରତୀୟ ଦ୍ରୁତ ବୋଲର ଅତୁଲ ୱାସନ କହିଛନ୍ତି, ବୁମରାଙ୍କ ସ୍ଥାନରେ ଭାରତର ଚାମ୍ପିଅନ୍ସ ଟ୍ରଫି ଦଳରେ ମହମ୍ମଦ ସିରାଜଙ୍କୁ ଚୟନ କରନ୍ତୁ ।

ଫେବୃଆରୀ ୧୯ରୁ ଆରମ୍ଭ ହେଉଥିବା ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ବୁମରାଙ୍କ ଖେଳିବା ନେଇ ସଂଶୟ ରହିଛି। ୧୯୯୦ରୁ ୧୯୯୧ ମଧ୍ୟରେ ପ୍ରାୟ ୧୨ଟି ଟେଷ୍ଟ ଓ ଦିନିକିଆ ମ୍ୟାଚ୍ ଖେଳିଥିବା ୱାସନ କହିଛନ୍ତି, ଯଦି ବୁମରା ଦଳରେ ଉପଲବ୍ଧ ରହିବେ। ତେବେ ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟରେ ଫେବରିଟ୍ ରହିବ। ଯଦି ସେ ଅନୁପସ୍ଥିତ ରୁହନ୍ତି ତେବେ ଦଳକୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଯଦି ବୁମରା ଆହତଜନିତ ସମସ୍ୟା କାରଣରୁ ଭାରତୀୟ ଦଳରେ ସ୍ଥାନ ନ ପାଅନ୍ତି, ତେବେ ୱାସନଙ୍କ ମତରେ ଭାରତ ମହମ୍ମଦ ସିରାଜଙ୍କ ନାଁ ଉପରେ ବିଚାର କରୁ। ୟୁଏଇରେ ପରିସ୍ଥିତି ଧିମା ହୋଇଥାଏ ଏବଂ କେବେ କେବେ ରାତିରେ କାକରର ପ୍ରଭାବ ରହିଥାଏ। ଏଥିପାଇଁ ଆପଣଙ୍କୁ ଅନୁଭବୀ ଖେଳାଳିଙ୍କ ଆବଶ୍ୟକତା ପଡ଼ିବ। ତେଣୁ ଏମିତି ସ୍ଥିତିରେ ମହମ୍ମଦ ସିରାଜଙ୍କୁ ଦଳରେ ସୁଯୋଗ ଦିଆଯିବା ଉଚିତ।

# ହଠାତ୍ ସନ୍ନ୍ୟାସରୁ ପ୍ରତ୍ୟାବର୍ତ୍ତନ ଘୋଷଣା କଲେ ଘୋଷାଲ



ନୂଆଦିଲ୍ଲୀ,୧୧।୨: ଭାରତରେ ସବୁଠାରୁ ଲୋକପ୍ରିୟ ଖେଳ ହେଉଛି କ୍ରିକେଟ । କ୍ରିକେଟ ବ୍ୟତୀତ ଖେଳାଳିମାନେ ଭାରତରେ ଅନ୍ୟ ଅନେକ ଖେଳ ମାଧ୍ୟମରେ ସେମାନଙ୍କର ନିଆରା ଛାପ ଛାଡ଼ିଛନ୍ତି। ଏପରି ଏକ ଖେଳ ହେଉଛି ସ୍କ୍ୱାସ। ସୌରଭ ଘୋଷାଲଙ୍କୁ ସ୍କ୍ୱାସ ଖେଳର ଭାରତୀୟ କିମ୍ବଦନ୍ତୀ ମଧ୍ୟରେ ଗଣନା କରାଯାଏ। ୩୮ ବର୍ଷୀୟ ସୌରଭ ୨୦୨୪ ମସିହାରେ ବୃତ୍ତିଗତ କ୍ୟାରିୟରରୁ ଅବସର ଘୋଷଣା କରିଥିଲେ। ଏବେ ଗୋଟିଏ ବର୍ଷ ମଧ୍ୟରେ ସେ ଅବସରରୁ ପ୍ରତ୍ୟାବର୍ତ୍ତନ ନେଇ ଘୋଷଣା କରିଛନ୍ତି।ଏହା ସହିତ ସେ କେଉଁ ଟୁର୍ନାମେଣ୍ଟ ମାଧ୍ୟମରେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି ସେ ବିଷୟରେ ମଧ୍ୟ ସୂଚନା ମିଳିଛି।

ଭାରତର କିମ୍ବଦନ୍ତୀ ସ୍କ୍ୱାସ ଖେଳାଳି ସୌରଭ ଘୋଷାଲ ଏପ୍ରିଲ ୨୦୨୪ ରେ ଏକ ସୋସିଆଲ ମିଡିଆ। ପୋଷ୍ଟ ମାଧ୍ୟମରେ ବୃତ୍ତିଗତ ସ୍କ୍ୱାସରୁ ଅବସର ନେଇଥିଲେ। ହେଲେ ୧୦ ମାସରୁ କମ ସମୟ ମଧ୍ୟରେ ସେ ତାଙ୍କ ମନ ବଦଳାଇ ଦେଇଛନ୍ତି ସୌରଭଙ୍କ ଅବସର ପରେ ଫେରିବାର ନିଷ୍ପତ୍ତିରେ ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଛନ୍ତ। ଖୁବ୍ଶୀଘ୍ର ଘୋଷାଲଙ୍କୁ ସ୍କ୍ୱାସ କୋର୍ଟରେ ତାଙ୍କର ଦକ୍ଷତା ଦେଖାଇବାର ଦେଖିବାକୁ ମିଳିବ।ସୌରଭ ବୃତ୍ତିଗତ ସ୍କ୍ୱାସ୍ କୋର୍ଟକୁ ଫେରିବା ସମ୍ପର୍କରେ ମଧ୍ୟ ସୂଚନା ପ୍ରକାଶ ପାଇଛି ସୌରଭ ଘୋଷାଲ ଖୁବ୍ଶୀଘ୍ର ଅକ୍ଟେନ ସିଡନୀ କ୍ଲାସିକ୍ ଟୁର୍ନାମେଣ୍ଟରେ ଖେଳିବେ। ଏହି ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆର ସିଡନୀରେ ୧୯ ରୁ ୨୩ ଫେବୃଆରୀ ପର୍ଯ୍ୟନ୍ତ ଖେଳାଯିବ। ଏହି କିମ୍ବଦନ୍ତୀ ଭାରତୀୟ ଖେଳାଳି ତାଙ୍କ କ୍ୟାରିୟରରେ ଅନେକ ଐତିହାସିକ ସଫଳତା ହାସଲ କରିଛନ୍ତି। ଘୋଷାଲ ହାଙ୍ଗଝୁ ଏବଂ ଇଞ୍ଚିଅନ ଏସୀୟ କ୍ରୀଡାର ଦଳଗତ ଇଭେଣ୍ଟରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି।ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ତିନୋଟି ପଦକ ଜିତିଥିଲେ। ଏହା ବ୍ୟତୀତ ୨୦୨୨ରେ ସୌରଭ ବିଶ୍ ଡବଲ୍ସ ଚାମ୍ପିଅନସିପରେ ମିଶ୍ରିତ ଡବଲ୍ସ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୨୦୧୯ ଏପ୍ରିଲରେ ସୌରଭ ପ୍ରଥମ ଭାରତୀୟ ଖେଳାଳି ଭାବରେ ଶ୍ରେଷ୍ଠ ୧୦ ସ୍ଥାନରେ ପହଞ୍ଚିଥିଲେ। ସୌରଭ ୧୩ଟି ଜାତୀୟ ଟାଇଟଲ ଜିତିବାର କୃତିତ୍ୱ ମଧ୍ୟ ହାସଲ କରିଛନ୍ତି।

## ପହଞ୍ଚିଲେ ସ୍ପେନ୍, ଜର୍ମାନୀ, ଇଂଲଣ୍ଡ ଦଳ





ଭୁବନେଶ୍ୱର,୧୨।୨:ଚଳିତ ମାସ ୧୫ ତାରିଖରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ରେ ଆରମ୍ଭ ହେବ ଏଫ୍ଆଇଏଚ୍ ପ୍ରୋ ଲିଗ୍ର ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗିତା ଏହି ପ୍ରତିଯୋଗିତାରେ ଭାରତ ସହ ଜର୍ମାନୀ, ସ୍ପେନ୍, ଇଂଲଣ୍ଡ ଅଂଶଗ୍ରହଣ କରୁଛନ୍ତି। ଏଥିଲାଗି ସ୍ପେନ୍ର ଉଭୟ ପୁରୁଷ ଓ ମହିଳା ଦଳ ସହ ଗତ ସଂସ୍କରଣ ଉପବିଜେତା ଜର୍ମାନୀ, ଇଂଲଣ୍ଡର ମହିଳା ଦଳ ଭୁବନେଶ୍ୱରରେ ପହଞ୍ଚିଛି ଇଂଲଣ୍ଡ ମହିଳା ରବିବାର ପହଞ୍ଚିଥିଲା ବେଳେ ସ୍ପେନ୍ ଓ ଜର୍ମାନୀ ଦଳ ସୋମବାର ଭୁବନେଶ୍ୱରରେ ପାଦ ଥାପିଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ